## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓଡ଼ିଶା ସରକାରୀ ଆଉଟସୋର୍ସିଂ ମହାସଂଘର ସାଧାରଣ ସଭା, ଦାନିପାଲି ରାମଚଣ୍ଡୀ ସେବାସଦନ, ପୂର୍ବାହ୍ନ ୯ଟା ।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ, ସିଭିଲ କୋର୍ଟ ପରିସର, ପୂର୍ବାହ୍ନ ୯ଟା ।
- ହୀରାଖଣ୍ଡ ନାଗରିକ ପରିଷଦର ବାର୍ଷିକ ଉତ୍ସବ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା ।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରତିଯୋଗିତା, ବୁଢ଼ାରଜା ହାଇସ୍କୁଲ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା ।
- ମହିଳା ସୁନ୍ଦରତା ପ୍ରଶିକ୍ଷଣ ଶିବିର, ସାମ୍ବାଦିକ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜିଲା କୃଷକ ସୁରକ୍ଷା ସଂଗଠନର ଧାରଣା, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ।
- ଜିର୍ଣ୍ଣୋଦ୍ଧାର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମହିଳା ଦଣ୍ଡନୃତ୍ୟ, ଦୁର୍ଗାପାଲି, ସନ୍ଧ୍ୟା ୭ଟା ।

**ସୁନ୍ଦରଗଡ଼**

- ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜିଲା ସ୍ତରୀୟ ସାରସ୍ୱତ ଆସର, କବିତା ପାଠ, ବିକାଶ ଭବନ । ପୂର୍ବାହ୍ନ –୧୦ଟା ।
- ଜିଲାସ୍ତରୀୟଆଇନ ସଚେତନତା ଶିବିର, ମାଡ୍ରି କାଲୋ ଭବନ, ପୂର୍ବାହ୍ନ–୧୦ଟା ।

# ଆଇନଜୀବୀ–ଅଧିକାରୀ ମୁହାଁମୁହିଁ

**ସମ୍ବଲପୁର, ୫ା୧୧ (ବ୍ୟୁରୋ)**



ପିଏଚ୍‌ଡି ଅଫିସ ପରିସରରେ ଓକିଲ ସଂଘର ସଦସ୍ୟ ।

ସମ୍ବଲପୁର ସହରରେ ୱାଟର ସ୍ମାର୍ଟ ମିଟର ଓ ବିଦ୍ୟୁତ୍ ପ୍ରିପେଡ ମିଟରକୁ ବିରୋଧକରି ଜିଲା ଓକିଲ ସଂଘ ସଚେତନତା କାର୍ଯ୍ୟକ୍ରମ କରିଆସୁଛି। ଗ୍ରାହକମାନଙ୍କୁ ପ୍ରିପେଡ ୱାଟର ମିଟର ଲଗାଇବାକୁ ବିରୋଧ କରିବାକୁ ଅନୁରୋଧ କରୁଛି। ଏଭଳି ପରିସ୍ଥିତିରେ ପିଏଚଡି ପକ୍ଷରୁ ନିୟୋଜିତ ଠିକାଦାର ବଳପୂର୍ବକ ୱାଟର ମିଟର ଖଞ୍ଜି ଦେଉଛନ୍ତି। ଏହାକୁ ନେଇ ଶନିବାର ପିଏଚ୍‌ଡି ଅଫିସ ପରିସରରେ ହଟ୍ଟଗୋଳ ହେଉଥିବା ଦେଖିବାକୁ ମିଳିଥିଲା। ଜିଲା ଓକିଲ ସଂଘ ସଦସ୍ୟ ୱାଟର ମିଟର ଲଗାଇବା ବନ୍ଦ ଦାବି କରିବାକୁ ଯାଇଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଓକିଲ ସଂଘ ସଦସ୍ୟ ଓ ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପିଏଚ୍‌ଡି ଅଧିକାରୀ ଏ ନେଇ ପ୍ରଥମେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ଅଭିଯୋଗ କରିଥିବା ବେଳେ ପରେ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଥିବା ଏସ୍‌ପି ଗଙ୍ଗାଧର କହିଛନ୍ତି।

ଜିଲା ଓକିଲ ସଂଘ ବରିଷ୍ଠ ସଦସ୍ୟ ପ୍ରଦୀପ ବହିଦାର କହିଛନ୍ତି, ୱାଟର ମିଟର ଲଗାଇବା ପୂର୍ବରୁ ପିଏଚ୍‌ଡି ସମସ୍ତ ମୌଳିକ ସୁବିଧା ଯୋଗାଇ ଦେଇପାରିନାହିଁ। ଜିଜିଆ କର ଭଳି ଟଙ୍କା ଆଦାୟ କରିବା ପାଇଁ ସମ୍ବଲପୁର ସହରବାସୀଙ୍କ ଉପରେ ଥୋପ ଦିଆଯାଉଛି। ଅନେକ ପଡ଼ାରେ ପାନୀୟ ଜଳ ପହଞ୍ଚି ପାରୁ ନ ଥିବା ବେଳେ ପାଣି ପହଞ୍ଚୁଥିବା ସ୍ଥାନରେ ମଧ୍ୟ ବିଶୁଦ୍ଧ କରି ଦେଇ ପାରୁନାହାନ୍ତି। ବାରମ୍ବାର ଅନୁରୋଧ କଲାପରେ ମଧ୍ୟ ବିଭାଗ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ନ ଥିଲା। ପ୍ରଥମ ପର୍ଯ୍ୟାୟରେ ପିଏଚ୍‌ଡିର ଏଭଳି କାର୍ଯ୍ୟ ବିରୋଧରେ ଲଢ଼େଇ ଆରମ୍ଭ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଟାଟା ପାୱାର ବିରୋଧରେ ମଧ୍ୟ ଲଢ଼େଇ ଜାରି ରହିବ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ପିଏଚ୍‌ଡି ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି ଯେ, ରାଜ୍ୟର ବିଭିନ୍ନ ଜିଲାରେ ଏହି ସ୍ମାର୍ଟ ମିଟର ଲଗାଯାଉଛି। ଏହା ଲାଗିବା ଦ୍ୱାରା ସହରବାସୀଙ୍କୁ କେତେ ପରିମାଣର ପାଣିର ଆବଶ୍ୟକତା ରହିଛି ସଠିକ ଆକଳନ କରିହେବ। ଲୋକମାନଙ୍କୁ ସୁବିଧା ଓ ଶୁଦ୍ଧ ପାଣି ଯୋଗାଇଦେବାକୁ ଏଭଳି ପଦକ୍ଷେପ ନିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ପିଏଚ୍‌ଡି ଅଫିସରେ ହଟ୍ଟଗୋଳ

# ୧୩ ଅଫୁଟା ବୋମା ଜବତ, ୩ ଶିକାରୀ ଗିରଫ

**ନାକଟିଦେଉଳ,୫ା୧୧(ଡ଼ି.ଏନ.ଏ.)**

ଜଙ୍ଗଲରେ ହାତ ତିଆରି ବୋମା (ଗୋଳା) ବିଛାଉଥିବା ୩ ଶିକାରୀଙ୍କୁ ନାକଟିଦେଉଳ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ନାକଟିଦେଉଳ ବ୍ଲକ ପଥୁରିଆ ଗ୍ରାମର ସୁଦାମ ସାହୁ(୪୭), ଶିମିଳିପାଳ ଗ୍ରାମର ଶୁଦ୍ର ସାହୁ(୫୭) ଓ ଦେବଗଡ଼ ଜିଲା ରିଆମାଳ ଥାନା ରାମପାଲି ଗ୍ରାମର ପରମାନନ୍ଦ ବେହେରା(୫୨)। ସୂଚନା ଅନୁସାରେ ସୁଦାମ ଓ ଶୁଦ୍ର ଗତ ୨ତାରିଖ ରାତ୍ରି ପ୍ରାୟ ୮ଟା ସମୟରେ ପଥୁରିଆ ଗ୍ରାମ ନିକଟ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବୋମା ବିଛାଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ କର୍ମଚାରୀ ସେଠାରେ ପହଞ୍ଚି ୧୩ଟି ହାତ ତିଆରି ଅଫୁଟା ବୋମା ଜବତ କରିବା ସହ ସୁଦାମ ଓ ଶୁଦ୍ରଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ଏମାନେ ପରମାନନ୍ଦଙ୍କଠାରୁ ଏହି ବୋମା ଅଣିଥିବା ସ୍ୱୀକାର କରିଥିଲେ। ୩ତାରିଖି ସକାଳୁ ନାକଟିଦେଉଳ ବନ କର୍ମଚାରୀ ରିଆମାଳ ବନ କର୍ମଚାରୀଙ୍କ ସହାୟତାରେ ପରମାନନ୍ଦଙ୍କ ଘରେ ଚଢାଉ କରି ୩ଅଫୁଟା ବୋମା ଜବତ କରିବା ସାହୁ ତାଙ୍କୁ ଗିରଫ କରିଥିଲେ। ୩ଜଣ ଶିକାରୀଙ୍କୁ ନାକଟିଦେଉଳ ବନ କର୍ମଚାରୀ ଗିରଫ କରି ଶନିବାର ରେଢ଼ାଖୋଲ କୋର୍ଟ ଚାଲାଣ କରିଛନ୍ତି। ଚଢାଉରେ ଘୋଷରାମାଳ ଫରେଷ୍ଟର ଠାକୁର ଚରଣ ପ୍ରଧାନ,ଫରେଷ୍ଟଗାର୍ଡ଼ ରତ୍ନୀ ଦେହୁରି, ନାକଟିଦେଉଳ ଫରେଷ୍ଟର ଅନୀଲ କୁମାର କିଷାନ ପ୍ରମୁଖ ସାମିଲ ହୋଇଥିଲେ।



ଗିରଫ ଶିକାରୀ ଓ ଜବତ ବୋମା।

# ଦଳର ସଂଗଠନ ସୁଦୃଢ଼ ନେଇ ଗୁରୁତ୍ୱ

**ଝାରସୁଗୁଡ଼ା ଅଫିସ,୫ା୧୧**

ଜିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର କଣ୍ଟାପାଲିସ୍ଥିତ କାର୍ଯ୍ୟାଳୟରେ ଶନିବାର ଝାରସୁଗୁଡା ବିଧାନସଭା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ସୁରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ, ଜିଲା ପ୍ରଭାରୀ ତଥା ରାଜ୍ୟ ଯୁବ ସମ୍ପାଦକ ଶ୍ରୀଧର ସାହୁ, ଜିଲା ସମ୍ପାଦକ ସନ୍ତୋଷ ଡୋରା, ଜିଲା ମହିଳା ସଂଯୋଜକ ଆରତୀ ଚୌଧୁରୀ, ଝାରସୁଗୁଡା ଟାଉନ ସଭାପତି ଦୁଷ୍ମନ୍ତ ଲୋକଚନ୍ଦାନୀ, ବରଗଡ ଜିଲା ସଭାପତି ଭବାନୀ ଶଙ୍କର ସାହୁ, ସମ୍ବଲପୁର ଜିଲା ଏସ୍‌ଟି/ଏସ୍‌ସି ସଭାପତି ସୁବେଶ ମୁଣ୍ଡା,ବେଲପାହାଡ ଟାଉନ ସଭାପତି ସଞ୍ଜୟ ଭଞ୍ଜ, ସମ୍ପାଦକ ନିର୍ମଳ ପାତ୍ର, କୁଚିଣ୍ଡା ବିଧାନସଭା ସଭାପତି ଭୁବନ ସାହୁ, ଝାରସୁଗୁଡା ବ୍ଲକ୍ ସଭାପତି ରମେଶ ପ୍ରଧାନ, ବ୍ରଜରାଜନଗର ଟାଉନ ସଭାପତି ବିଜେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଲଖନପୁର ବ୍ଲକ୍ ସଭାପତି ପ୍ରଫୁଲ୍ଲ ପାତ୍ର ସଭା ପରିଚାଳନା କରିଥିଲେ। ଆଗାମୀ ଦିନରେ ଜିଲାରେ ପାର୍ଟିର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ସହ ପାର୍ଟିକୁ କିଭଳି ସୁଦୃଢ କରାଯିବା ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ବୈଠକରେ ଉପସ୍ଥିତ ଥିବା ପାର୍ଟିର କର୍ମକର୍ତ୍ତା।

### ଆପ୍‌ର ବିଧାନସଭା କାର୍ଯ୍ୟକାରିଣୀ ବୈଠକ

ରାଜ୍ୟ ପ୍ରବକ୍ତା ପ୍ରଧାନ ସୂଚନା ଦେଇ କହିଥିଲେ, ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ରୋକିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିଲେ ବି ରାଜ୍ୟବାସୀ ଅଧିକ ବିଦ୍ୟୁତ୍ ଶୁଳ୍କ ଦେଉଛନ୍ତି। ଦିଲ୍ଲୀରେ କେଜ୍‌ରିୱାଲ ସରକାର ବିଦ୍ୟୁତ୍, ଶିକ୍ଷା, ପାନୀୟଜଳ ଆଦି ମୌଳିକ ସେବା ଯୋଗାଇବାରେ ଦେଶରେ ଆଗରେ ରହିଥିବାବେଳେ ଓଡ଼ିଶାରେ ବିଜେଡି ସରକାର ଲୋକଙ୍କୁ ଶୋଷଣ କରୁଛି। ୨୦୨୪ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟରେ ନିର୍ବାଚନ ଲଢିବ। ଝାରସୁଗୁଡା ଜିଲାର ୨ ନିର୍ବାଚନ ମଣ୍ଡଳୀରେ ପାର୍ଟି ପ୍ରାର୍ଥୀ ଦେବ। ଦିଲ୍ଲୀ, ପଞ୍ଜାବ ପରେ ଏଥର ଓଡିଶାରେ ଦଳ ଲୋକଙ୍କ ସମର୍ଥନ ପାଇବ ବୋଲି ସେ କହିଛନ୍ତି। ଝାରସୁଗୁଡା ଜିଲା ଏକ ଶିଳ୍ପସମୃଦ୍ଧ ଜିଲା ହୋଇଥିବାବେଳେ ଏଠାରେ ବେକାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଝାରସୁଗୁଡା ଜିଲା ପ୍ରଦୂଷଣରେ ଆଗରେ ରହିଛି । ଆଗାମୀ ଦିନରେ ଦଳ ଏହା ଉପରେ ଗୁରୁତ୍ୱ ଦେଇ ଜିଲାକୁ ପ୍ରଦୂଷଣ ମୁକ୍ତ କରିବ ବୋଲି କହିଛନ୍ତି। ଏହି ଅବସରରେ ଝାରସୁଗୁଡା–ବ୍ରଜରାଜନଗର ଜାତୀୟ ରାଜପଥ ପାର୍ଶ୍ୱ କଣ୍ଟାପାଲି ନିକଟରେ ପାର୍ଟିର ନୂତନ ଜିଲା କାର୍ଯ୍ୟାଳୟକୁ ରାଜ୍ୟ ପ୍ରବକ୍ତା ପ୍ରଧାନ ଉଦ୍‌ଘାଟନ କରିଛନ୍ତି।

## ବଦ୍ରି ପ୍ରସାଦରେ ଇଣ୍ଡକ୍ସନ ପ୍ରୋଗ୍ରାମ

**ସମ୍ବଲପୁର,୫ା୧୧(ବ୍ୟୁରୋ)**

ସମ୍ବଲପୁର ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଡିପ୍ଲୋମା ଇଞ୍ଜିନିୟରିଂରେ ନୂତନ ଭାବରେ ସ୍ୱୀକୃତିପ୍ରାପ୍ତ ଛାତ୍ରମାନଙ୍କ ପାଇଁ ୪ ଦିନିଆ ଇଣ୍ଡକ୍ସନ ପ୍ରୋଗ୍ରାମ ଆୟୋଜନ ହୋଇଥିଲା। ନଭେମ୍ବର ୧ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଦ୍ୱିତୀୟ ଦିନରେ ଫ୍ରେଶର ଛାତ୍ରମାନେ ଉତ୍ସାହର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ, କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପରେ ପୁରସ୍କାର ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ଅଗ୍ରୱାଲ, ଅଧ୍ୟକ୍ଷ ସୋମ୍ୟଜିତ ମିଶ୍ର, ସଦସ୍ୟ ହର୍ଷିତା ଅଗ୍ରୱାଲ, ସାକ୍ଷୀ ଅଗ୍ରୱାଲ ଛାତ୍ରଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ସାରଥ ପଣ୍ଡା ଓ ବିଭିନ୍ନ ବିଭାଗର ମୁଖ୍ୟମାନେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ଅଫିସର ରାଜ ଶେଖର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟେଟବ୍ୟାଙ୍କ ପକ୍ଷରୁ ଫଳଚାରା ରୋପଣ

**ସମ୍ବଲପୁର,୫ା୧୧(ବ୍ୟୁରୋ)**

ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ସହଯୋଗରେ ବରଗଡ଼ ଆଞ୍ଚଳିକ ଶାଖା ପକ୍ଷରୁ ଫଳ ଚାରା ରୋପଣ କରାଯାଇଛି। ବରଗଡ ଜିଲା ପଞ୍ଚାୟତ କଲେଜ, ଦଧିବାମନ କଲେଜ ଭଟଲି, ପଞ୍ଚାୟତ ଉଚ୍ଚବିଦ୍ୟାଳୟ କନକବିରା, ଏଲ.ଏନ. ନାରାୟଣ ହାଇସ୍କୁଲ, ନୂଆଁଗ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ବାହାଲ, ଭଟଲି ସରକାରୀ ହାଇସ୍କୁଲରେ ସମୁଦାୟ ୨୫୦୦ ଗୋଟି ଫଳଚାରା ରୋପଣ କରାଯାଇଛି। ଅକ୍ଟୋବର ୨୮ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଭୁବନେଶ୍ୱରର ଉତ୍ତମ ହଜାରୀ ଚୌଧୁରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ, ସମ୍ବଲପୁର ସଂଯୋଜକ ବିନୟ ଚକ୍ରବର୍ତ୍ତି ଓ ମାନସ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଦୀ କୋଇଲା କମ୍ପାନୀରେ ବିଡର୍ସ ମିଟ୍

**ସମ୍ବଲପୁର,୫ା୧୧(ବ୍ୟୁରୋ)**

ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ବୁର୍ଲା ଜାଗୃତିବିହାରସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି କ୍ରମରେ ଶନିବାର ଏମ୍‌ସିଏଲ୍ ମୁଖ୍ୟାଳୟରେ ବିଡର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ ଅଧ୍ୟକ୍ଷତା କରିଥିଲେ। କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା ଯୋଗଦେଇଥିଲେ। ଏମ୍‌ସିଏଲ୍‌ରେ କ୍ରୟ ନିୟମାବଳୀ ସମ୍ପର୍କରେ ବିଡରମାନେ ବିଭାଗର ମୁଖ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ବିଡର ଯୋଗଦେଇଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ସମସ୍ତଙ୍କୁ ଶପଥପାଠ କରାଇଥିଲେ।

# ନିଆରା ଢଙ୍ଗରେ ଶିଶୁର ଜନ୍ମଦିବସ ପାଳନ

## ବୟସ ଅନୁସାରେ ଚାରା ରୋପଣ, ବସ୍ତ୍ରଦାନ

**ଝାରସୁଗୁଡ଼ା ଅଫିସ,୫ା୧୧:** ଝାରସୁଗୁଡ଼ା ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ତୃତୀୟ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ପଟେଲଙ୍କ ଜନ୍ମ ଦିବସକୁ ଭାରତୀୟ ସଂସ୍କୃତି ଆଧାରରେ ନିଆରା ଢଙ୍ଗରେ ପାଳନ କରାଯାଇଛି। ବିଦ୍ୟାଳୟ ସମ୍ପାଦକ ଦିଗମ୍ବର ମାଝି ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରରେ ଶିଶୁଙ୍କ ଜନ୍ମଦିନ ପାଳିବା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦ୍ୱୀପ ପ୍ରଜ୍ୱଳନ କରି ଶିଶୁର ବୟସ ଅନୁସାରେ ୯ଟି ଦ୍ୱୀପ ଓ ୯ଟି ଗଛ ଲଗାଇବା ସହ ୯ଜଣ ବ୍ରାହ୍ମଣ ଓ ଗରିବ ଲୋକଙ୍କୁ ବସ୍ତ୍ର, ଖାଦ୍ୟ ଦାନ କରି ଐତିହାସିକ ଦିନ ବୋଲି ବାର୍ତ୍ତା ଦେଇଥିଲେ। ଶିଶୁମାନେ ଗୀତଗାଇ ପ୍ରତ୍ୟୁଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରତ୍ୟୁଷଙ୍କ ବାପା ପ୍ରେମାନନ୍ଦ ପଟେଲ, ମା' ପୂର୍ଣ୍ଣିମା ପଟେଲ, ଜେଜେବାପା ଜୟଶଙ୍କର ପଟେଲ ଓ ଜେଜେମାଆ ତୋଷମତି ପଟେଲ ଉପସ୍ଥିତ ରହି ଆଶୀର୍ବାଦ କରିଥିଲେ। ଶିଶୁ କଳିକା ପ୍ରମୁଖ ରଞ୍ଜିତା ନାଏକ ବୈଠକ ଆୟୋଜନ କରିଥିବା ବେଳେ ଆର୍ଜୁ ପଟେଲ ଓ ବର୍ଷା ରାଣୀ ନାୟକ ସଂଯୋଜନା କରିଥିଲେ। ଚନ୍ଦ୍ରିକା କିଷାନ, ତାରିଣୀ ପ୍ରିୟା ମହାନ୍ତି ବୃକ୍ଷରୋପଣ ଦାୟିତ୍ୱ ବହନ କରିଥିଲେ। ବିଦ୍ୟାଳୟ ପରିବେଶରେ ୪ ଫୁଲଗଛ, ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ୩ ଫୁଲ ଗଛ ଓ ପଞ୍ଚପଡା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ୨ ବଉଳ ଗଛ ଲଗାଇଯାଇଥିଲା। ପରିଶେଷରେ ବିଦ୍ୟାଳୟର କୋଷାଧକ୍ଷ ପ୍ରିୟଙ୍କା ସାହୁ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

**କୁଚିଣ୍ଡା,୫ା୧୧(ଡି.ଏନ.ଏ.)**

ବାମରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶନିବାର ବାମରା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବାମରା ବିଡିଓ ପୁଷ୍ପକ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ରମେଶ ଚନ୍ଦ୍ର ନାୟ, ହୃଦାନନ୍ଦ ପ୍ରଧାନ, ବିଏସ୍‌ଏସ୍‌ଓ ସତ୍ୟବ୍ରତ ପାଢ଼ୀ, ବାମରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାୟରା ବାନୋ ଲସ୍କର, କେଶାଇବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବଲ୍ଲଭି ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଳିକା ଓ ବାଳକ ବର୍ଗରେ ୫୦ ମିଟର ବଲ ଫିଙ୍ଗା, ଜିଲାପି ଖିଆ, ମ୍ୟୁଜିକ ଚେୟାର, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଆର୍‌ଟି ହିମାଂଶୁ ଭୂଷଣ ରାଉତ, ସୁବ୍ରତ ଭୋଇଙ୍କ ତତ୍ତ୍ୱାବଧାନରେ ସିଆର୍‌ସିସି ସତ୍ୟାନନ୍ଦ ସୁନାନୀ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୈତାରି ନାୟକ, ଖେଳ ଶିକ୍ଷକ ଟିକେଶ୍ୱର ମାଝି, ବିଜୟ କୁମାର ବାଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ୨ ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଶିଶୁ ମହୋତ୍ସବକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି ।

**ସମ୍ବଲପୁର,୫ା୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ରବି ନାରାୟଣ ବଘାର ସମ୍ମାନିତ ଅତିଥି ଥିଲେ। ସକାଳେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ମୀନାରାଣୀ ମଙ୍ଗଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା ଏହାକୁ ଉଦ୍‌ଘାଟନ କରିଥିଲେ। ୯ଟି ବ୍ଲକର ପ୍ରତିଯୋଗୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ଯେଉଁମାନେ ପ୍ରଥମସ୍ଥାନ ହାସଲ କରିଛନ୍ତି ସେମାନେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦାନ କରିବେ ବୋଲି ଘୋଷଣା କରାଯାଇଛି। ଅସୀମ ପ୍ରଧାନ ଓ ଅବିନାଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ଅନୁପମା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୨ଦଫା ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

**ରେଢ଼ାଖୋଲ,୫ା୧୧(ଡି.ଏନ.ଏ.)**

୧୨ଦଫା ଦାବି ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରେଢ଼ାଖୋଲ ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମକର୍ତ୍ତାମାନେ ସ୍ଥାନୀୟ ଭୀମଭୋଇ ଛକରୁ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଯୁବ ସଂଗଠକ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଭିକାରି ପ୍ରଧାନ, ତୀର୍ଥବାସୀ ଭୋଇ, ସରୋଜିନି ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ରୋକିବା, ବିଦ୍ୟୁତ୍ ଘରୋଇକରଣ ବନ୍ଦ କରିବା, ଉପଖଣ୍ଡର ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ଅନ୍ୟ କର୍ମଚାରୀ ନିଯୁକ୍ତି, ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ରେଢାଖୋଲ କେରାଣ୍ଡି ଜୋର ଜଳସେଚନ ପ୍ରକଳ୍ପ ସମ୍ପ୍ରସାରଣ, ବନ୍ୟଜନ୍ତୁ ଦ୍ୱାରା କ୍ଷତି ହେଉଥିବା ଫସଲର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ପ୍ରଦାନ ଆଦି ଅନ୍ୟତମ। ଅନ୍ୟମାନଙ୍କ ମଧ୍ୟରେ କଳ୍ପତରୁ ପ୍ରଧାନ, ଜ୍ୟୋତ୍ସ୍ନା ପ୍ରଧାନ, ନବିନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।




ଏସ୍‌ୟୁସିଆଇ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଡିସେମ୍ବରରେ ହୀରାକୁଦ ଇକୋ ରିଟ୍ରିଟ୍

**ସମ୍ବଲପୁର,୫ା୧୧(ବ୍ୟୁରୋ)**

ସମ୍ବଲପୁର ହୀରାକୁଦରେ ଇକୋ ରିଟ୍ରିଟ ଡିସେମ୍ବର ମାସରେ ଆରମ୍ଭ ହେବ। ଶନିବାର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲାପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସିଡିଏମ୍‌ଓ ଡ. ପଙ୍କଜ ପଟେଲ, ବିଏସ୍‌ଏନ୍‌ଏଲ୍ ଜିଜିଏମ୍ ଏଚ୍. ଏକ୍କା, ହୀରାକୁଦ ବନ୍ୟଜନ୍ତୁ ଡିଭିଜନ ଏସିଏଫ୍ ମାଳତିଲତା ହାଁସଦା, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ଲେଙ୍କା, ଏସ୍‌ଏମ୍‌ସି ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଡେପୁଟି କମିଶନର ରୁକ୍ମଣ ମେହେର, ଓଏସ୍‌ଡି ପର୍ଯ୍ୟଟନ ବିଭାଗର ହେମନ୍ତ କୁମାର ପ୍ରଧାନ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଏଚ.ଏସ. ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଇକୋ ରିଟ୍ରିଟ ପ୍ରାଇଭେଟ ଲିମିଟେଡ଼ର ଜୟେଶ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇକୋ ରିଟ୍ରିଟ ଆସନ୍ତା ଡ଼ିସେମ୍ବର ୧ରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଜମାଦାରପାଲି ବଲବସପୁରଠାରେ ଅନୁଷ୍ଠିତ ହେବ। ସେଥିରେ ୨୫ ତମ୍ବୁ ରହିବାକୁ ଥିବାବେଳେ ୨୦ଟି ବିଳାସପୂର୍ଣ୍ଣ ଓ ୫ଟି ପ୍ରିମିୟମ ରହିଛି। ପର୍ଯ୍ୟଟକ ମାନେ ଡେବ୍ରିଗଡ଼, ହୀରାକୁଦ ଡ୍ୟାମ, ରୋପୱେ, ଗାନ୍ଧୀ ମିନାର, ନେହେରୁ ମିନାର ଇତ୍ୟାଦି ପର୍ଯ୍ୟଟନ ସ୍ଥଳ ଦେଖିବାକୁ ସୁଯୋଗ ପାଇବେ। ଇକୋ ରିଟ୍ରିଟ କିଭଳି ସଫଳତାର ସହ ଆୟୋଜନ କରାଯିବା ସେଥିପାଇଁ ଜିଲାପାଳ ସମସ୍ତ ଲାଇନ ବିଭାଗକୁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ଼/ଲେଫ୍ରିପଡ଼ା/କୁତ୍ରା/ହେମଗିର/ରାଜଗାଙ୍ଗପୁର, ୫।୧୧ (ଡ଼ି.ଏନ.ଏ)**

ସୁନ୍ଦରଗଡ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଆବାହକ ହୋତେଶ୍ୱର ଶେଖରଦେଓ, ସୁନ୍ଦରଗଡ ସଦର ବ୍ଲକ ସଭାପତି ଲକ୍ଷଣ ପଟେଲ, ସମ୍ପାଦକ କୃଷ୍ଣଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ସ୍ଥାନୀୟ ଶିକ୍ଷକ ସଂଘ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ସେଠାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ରୀନା ନାଏକ, ସଞ୍ଜୟ କୁମାର ସାହୁ, ସାଙ୍ଗଠାନିକ ସମ୍ପାଦକ ଅମରେନ୍ଦ୍ର ପଟେଲ, ରଘୁମଣୀ ଦେହୁରୀ, କର୍ମକର୍ତ୍ତା ଚେତାନନ୍ଦ ପଟେଲ, ଖଗେଶ୍ୱର ଶେଖର ଦେଓ, ବିକାଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଲେଫ୍ରିପଡା ବ୍ଲକ ପକ୍ଷରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଲେଫ୍ରିପଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଶନିବାର ଏକ ଚାରି ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ପରେ ସମସ୍ତେ ମିଳିତ ଭାବେ ଏକ ଶୋଭାଯାତ୍ରା ମାଧ୍ୟମରେ ବାହାରି



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଲେଫ୍ରିପଡ଼ା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ । ଶିକ୍ଷା କାର୍ଯ୍ୟାଳୟକୁ ପହଞ୍ଚି ସମସ୍ତଙ୍କ ମିଳିତ ଉପସ୍ଥିତିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସାହୁଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଗତ ୨୦୦୧ ଠାରୁ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ପାରା ଶିକ୍ଷକ, ଶିକ୍ଷା ସହାୟକ, ଜୁନିଅର ଟିଚର କଣ୍ଟ୍ରାକ୍ଟୁଆଲ, ଜୁନିଅର ଟିଚର, ଗଣଶିକ୍ଷକ, ଏମଏଲଇ ଶିକ୍ଷକ ଭାବେ ବିଭିନ୍ନ ନାମରେ ହୋଇଥିବା ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ଅବଧିକୁ ନିୟମିତ ଚାକିରୀରେ ଗଣନା କରି ଆଠଟି ଓ ଛଅଟି ଜାତୀୟ ଇନକ୍ରୀମେଣ୍ଟ ପ୍ରଦାନ କରାଯାଉ। ସପ୍ତମ ବେତନ କମିଶନ ଆଧାରରେ ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ। ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ଯୋଜନାକୁ ଲାଗୁ କରାଯାଉ। ଏକ୍ସ କେଡର ଉଚ୍ଛେଦ କରି କେଡର ଭୁକ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷକମାନଙ୍କୁ ନୂତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଅବସର ପରେ ବହୁ ସଂଖ୍ୟାରେ ଶିକ୍ଷୟତ୍ରୀ ଶିକ୍ଷକମାନେ ମାସକୁ ଏକ ହଜାରରୁ ପନ୍ଦର ଶହ ଟଙ୍କା ପାଇ ଘୋର ଦୁର୍ଦ୍ଦିନ ଅବସ୍ଥାରେ ଜୀବନଯାପନ କରି ଆସୁଛନ୍ତି। ମାତ୍ର ସମ୍ପ୍ରତି ନୂତନ ଶିକ୍ଷାଆଇନ କରାଯାଇ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାକୁ ମାଟ୍ରିକ ସିଟିରୁ ଯୁକ୍ତ ଦୁଇ ସିଟି କରାଯାଇଥିଲେ ମଧ୍ୟ ମାଟ୍ରିକ ସିଟି ଆଧାରରେ ଦରମା ପ୍ରଦାନ କରାଯାଉଥିବାରୁ ଶିକ୍ଷୟତ୍ରୀ ଶିକ୍ଷକମାନେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସିଆରସିସି ସଲିଲ କୁମାର ପଟେଲ ରମାଶଙ୍କର ପଟେଲ, ଡିଲେଶ୍ୱର ରୋହିଦାସ, ରାଜୀବ ପଟେଲ ପ୍ରଶାନ୍ତ ସା, ପୂର୍ବତନ ସିଆରସିସି ପୁଲିନ ଚନ୍ଦ୍ର ନାଏକ, ଅଭୟ ନାଏକ, ଶିକ୍ଷୟିତ୍ରୀ ରଞ୍ଜୁଲତା ପଟେଲ, ସୁନି ସେଠ, ନିୟତି ପଟେଲ, ପ୍ରମୁଖ ସହ ଶିକ୍ଷକ ସଂଘର ସୁଶୀଲ ପୃଷେଠ, ପ୍ରସନ୍ନ ସାହୁ, ଶିବ ପଟ୍ଟା, ଜଳନ୍ଧର ଘୋଷି,ଅମିତ କୁମାର ପଟେଲ, ହେମସାଗର ନାଏକ ସହ ଲେଫ୍ରିପଡ଼ା ବ୍ଲକର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। କୁତ୍ରା ବ୍ଲକ ଏନପିଏସ ପ୍ରଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ସଭାପତି ପୁଲିନ୍ଦ୍ର ଦେହୁରିଆଙ୍କ ନେତୃତ୍ୱରେ କୁତ୍ରା ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ୧୦ ନମ୍ବର ରାଜ୍ୟ ରାଜପଥ ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ବୈଠକ ଅନୁଷ୍ଠିତ କରି ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କର ଦାବି ବିଷୟରେ ଅଭିଭାଷଣ ଦେବା ସହିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ହେମଗିର ବ୍ଲକର ଏନପିଏସ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ୪ ଦଫା ଦାବିକୁ ନେଇ ହେମଗିର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲଙ୍କ ତତ୍ତ୍ୱାବଧାନରେ ହେମଗିର ସେଣ୍ଟର ସ୍କୁଲଠାରୁ ଏକ ରାଲି ବାହାରି ବିଇଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସଭାପତି ଅଜିତ ନାଏକ, ସଂଜିବ ନାଏକ, ସୋମନାଥ ମିଶ୍ର, ଉମେଶ ଚନ୍ଦ୍ର ରାଏ, ଟଗର ହଂସ, କୁନ୍ତି ପଟେଲ, ଦେବେନ୍ଦ୍ର ଖମାରି, ସୁଶ୍ରୀ ସଙ୍ଗିତା ପାଡି ପ୍ରମୁଖ ଉପସ୍ଥିତ ଥିଲେ । ରାଜଗାଙ୍ଗପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବିଭିନ୍ନ ଦାବି ନେଇ ରାଜଗାଙ୍ଗପୁର ସହରରେ ରାଲି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜଗାଙ୍ଗପୁର ବ୍ଲକ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କୁ ପ୍ରଦାନ କରାଯାଇଥିଲା। ଶନିବାର ରାଜଗାଙ୍ଗପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବାବୁଲା ନାଏକଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ ବର୍ଗର ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ରାଜଗାଙ୍ଗପୁର ସହର ପରିକ୍ରମା କରିଥିଲେ। ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜଗାଙ୍ଗପୁର ବ୍ଲକ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କୁ ପ୍ରଦାନ କରାଯାଇଥିଲା

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସ୍ୱପ୍ନା


@ ବିଜୟ


@ ସୁଜ୍ଞାନ


@ ସୁରେନ୍ଦ୍ର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ କୌଶଳ ବିକାଶ କାର୍ଯ୍ୟକ୍ରମ

**ସମ୍ବଲପୁର,୫।୧୧(ବ୍ୟୁରୋ):** ସମ୍ବଲପୁରସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲରେ ନୂତନ ଶିକ୍ଷାନୀତି ଅନୁଯାୟୀ ଛାତ୍ରୀଛାତ୍ରଙ୍କ କୌଶଳ ବିକାଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ର ସୁବ୍ରତ ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲ ଅଧକ୍ଷ ରବିନ୍ଦ୍ରନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହାଇସ୍କୁଲରେ ଡା. ଆଇଜାକ ସାନ୍ତ୍ରା ଜୟନ୍ତୀ

**ସମ୍ବଲପୁର,୫।୧୧(ବ୍ୟୁରୋ):** ଡା. ଆଇଜାକ ସାନ୍ତ୍ରା ଜୟନ୍ତୀ ଶନିବାର ହୀରାକୁଦ ନିକଟସ୍ଥ ପଲସାକଟା ହାଇସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ଆୟୋଜକ ଜ୍ୟୋତି ଅନୁଷ୍ଠାନର ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜୀବ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ସୁରେଶ ଚନ୍ଦ୍ର ଦାନି ଚକ୍ଷୁର ଯତ୍ନ ଓ ସୁରକ୍ଷା ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସଂଯୋଜିକା କଳ୍ପନା ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ବରିଷ୍ଠ ସଭ୍ୟ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ପାଇପ ଜଳ କର୍ମଚାରୀ ସଂଘର ବୈଠକ

**ବଡ଼ଗାଁ,୫।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ରାଜ୍ୟ ଉପସଭାପତି ଡମ୍ବରୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଘର ସୁନ୍ଦରଗଡ଼ ଖଣ୍ଡ ସମ୍ପାଦକ ଧରଣୀଧର ମହାନ୍ତି, କ୍ଷୀରୋଦ ମିଶ୍ର, ଇନ୍ଦ୍ରମଣି ବେଉରିଆ, କୃଷ୍ଣଚନ୍ଦ୍ର ରାଉତ, ସୁଶାନ୍ତ କୁମାର କାଲୋ, ରାଜେନ୍ଦ୍ର ଡିଲା, ସନାତନ ରାଉତ, କଷ୍ଟୁ ରକସା ପ୍ରମୁଖ ସଂଘ କର୍ମକର୍ତ୍ତା ଯୋଗଦେଇ ନ୍ୟାଯ୍ୟ ଦାବି ଉପରେ ଆଲୋଚନା କରିଥିଲେ। ଏହାପରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ଉପରେ ବିସ୍ତୃତ ଆଲୋଚନା କରି ପ୍ରସ୍ତାବ ଗୃହୀତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତମାସ ୩୦ ତାରିଖ କଟକଠାରେ ରାଜ୍ୟ ସଭାପତି ହୃଷିକେଶ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପ୍ରତି କ୍ରମାଗତ ଅବହେଳା ଯୋଗୁ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିବା ନେଇ ଆଲୋଚନା କରିଥିଲେ। ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ଉଠାଇ ପ୍ରସ୍ତାବ ଆଗତ କରିଥିଲେ।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

**ଝାରସୁଗୁଡ଼ା ଅଫିସ,୫।୧୧**

ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଶନିବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଓ ସଚେତନତା ହିଁ ଦୁର୍ନୀତି ହ୍ରାସ କରିପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝି ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ' ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର ପଣ୍ଡା ଦୁର୍ନୀତିମୁକ୍ତ ସମାଜର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଡ଼ିଏସ୍‌ପି ପି. ଆଇନ୍ଦ ଧନ୍ୟବାଦ ଦେଇଥିଲେ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବିକ୍ଷୋଭ

**ବଡ଼ଗାଁ, ୫।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରି ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ପୂର୍ବାହ୍ନରେ ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସମବେତ ହେଲାପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାରେ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ। ଏହି ବିକ୍ଷୋଭ ଶୋଭାଯାତ୍ରାରେ ସଂଘର କର୍ମକର୍ତ୍ତା କର୍ଣ୍ଣ ନାଏକ, ଜ୍ୟୋତ୍ସ୍ନା କୁମାରୀ ପଟେଲ, ମାନସ ରଞ୍ଜନ ପାଣ୍ଡେ, ସତ୍ୟବ୍ରତ ନାଏକ, ଜଗବନ୍ଧୁ କମାର, ଶ୍ରୀକାନ୍ତ ବିଶି, ଦିଲ୍ଲୀପ ପୃଷେଟ, ପବିତ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଡାଲମିଆ ଆଇଟିଆଇରେ ସ୍ୱାଗତ ସମାରୋହ




**ରାଜଗାଙ୍ଗପୁର, ୫।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅନ୍ତର୍ଗତ ଝଗରପୁର ସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ରେ ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଡାଲମିଆ ଆଇଟିଆଇ ପରିଚାଳନା ସଦସ୍ୟ ତଥା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ଼ ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରବିନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ତଥା ଆଇଟିଆଇର ସଚିବ ପ୍ରକାଶ ଅଗ୍ରୱାଲ, ପରିଚାଳନା ସଦସ୍ୟ ଓମ ପ୍ରକାଶ ଅଗ୍ରୱାଲ ଏବଂ କମ୍ପାନୀର ଆଇନ ବିଭାଗ ମୁଖ୍ୟ ରାଜେଶ ରଞ୍ଜନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟମାନ ରଖିଥିଲେ। ଅନୁଷ୍ଠାନର ଅଧକ୍ଷ ଦେବବ୍ରତ ପ୍ରଧାନ ଅତିଥି ପରିଚୟ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଶିବ ଶଙ୍କର ସାହୁ ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନୁଷ୍ଠାନର ନିୟମାବଳୀ ଓ ଅନୁଶାସନ ବିଷୟରେ ଅବଗତ କରାଇଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ, ଛାତ୍ର ଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଆଞ୍ଚଳିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼/ବାରକୋଟ ୫।୧୧(ଡି.ଏନ.ଏ)**

ବାରକୋଟ ବ୍ଲକ କୁଣ୍ଡାପିଠା ସ୍ଥିତ 'ଫିର ମିଲେଙ୍ଗେ'ଫୁଟବଲ ଟିମ ଆନୁକୁଲ୍ୟରେ କୁଣ୍ଡାପିଠା ଖେଳ ପଡିଆଠାରେ ଶନିବାର ୨ ଦିନିଆ ଆଞ୍ଚଳିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଗେଶ୍ୱର ଦେହୁରୀ ଯୋଗଦେଇଥିଲେ। ରବିବାର ଉଦଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତା ଆୟୋଜନରେ 'ଫିର ମିଲେଙ୍ଗେ'ଫୁଟବଲ ଟିମ୍‌ର କର୍ମକର୍ତ୍ତା ସୁରେଶ ଚନ୍ଦ୍ର ନାୟକ, ପରମେଶ୍ୱର ନାୟକ, ଡମ୍ବରୁଧର ସାହୁ,ବିଦ୍ୟାଧର ସାହୁ ଓ ଖଡିକର ସାହୁ ପ୍ରମୁଖ ସହଯୋଗ କରୁଥିବା ଜଣାପଡିଛି।

# ପରମାଣପୁରଠାରେ ଭବ୍ୟ ଭାଗବତ କଥା

**ସମ୍ବଲପୁର,୫।୧୧(ବ୍ୟୁରୋ):** ସମ୍ବଲପୁର ବୁର୍ଲା ଇସ୍କନ ପକ୍ଷରୁ ପବିତ୍ର କାର୍ତ୍ତିକ ମାସର ପଞ୍ଚକ ଉପଲକ୍ଷେ ମାନେଶ୍ୱର ବ୍ଲକ ପରମାଣପୁର ଗୋପୀ କିଶନ କଲ୍ୟାଣ ମଣ୍ଡପଠାରେ ଭବ୍ୟ ଭାଗବତ କଥା ଆରମ୍ଭ ହୋଇଛି। ପ୍ରବଚନ କାର୍ଯ୍ୟକ୍ରମ ଏକ ସପ୍ତାହ ବ୍ୟାପୀ ଆୟୋଜିତ ହେଉଛି। ଇସ୍କନ ବୁର୍ଲାର ଅଧକ୍ଷ ଶ୍ରୀପାଦ ଅମାୟୀ ଦାସ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶ୍ରୀପାଦ ସାନ୍ଦିପନି ମୁନି ଦାସ ଶ୍ରୀମଦ୍ ଭାଗବତର ଦାମୋଦର ଲୀଳା ବିଷୟରେ ପ୍ରବଚନ ପ୍ରଦାନ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ ପ୍ରବଚନ ସହ ନାମ ସଂକୀର୍ତ୍ତନ ହେଉଛି। ଶ୍ରୀମାନ ଆଶିଷ ଅଗ୍ରୱାଲ, ଶ୍ରୀପାଦ ରସିକରାଜ ଦାସ, ଶ୍ରୀପାଦ ପ୍ରାଣବଲ୍ଲଭ ଦାସ, ସୁଶାନ୍ତ ପ୍ରଭୁ, ଶ୍ରୀମାନ ବିଜୟ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।


ପରମାଣପୁରରେ ଭାଗବତ କଥା କାର୍ଯ୍ୟକ୍ରମ।

# ବିଶ୍ୱ ହିନ୍ଦୁ ପରିଷଦର ହିତ ଚିନ୍ତକ କାର୍ଯ୍ୟକ୍ରମ



ସାମ୍ବାଦିକ ଭବନରେ ସୂଚନା ଦେଉଛନ୍ତି ପରିଷଦର କାର୍ଯ୍ୟକର୍ତ୍ତା।

**ସମ୍ବଲପୁର,୫।୧୧(ବ୍ୟୁରୋ)**

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ନଭେମ୍ବର ୬ତାରିଖଠାରୁ ହିତ ଚିନ୍ତକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ପଶ୍ଚିମ ପ୍ରାନ୍ତରେ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ସଦସ୍ୟ ପଞ୍ଜୀକୃତ କରାଯିବା ଲକ୍ଷ୍ୟ ରଖାଯାଇଛି। ମୁଖ୍ୟତଃ ହିନ୍ଦୁ ଧର୍ମ ସୁରକ୍ଷା, ସମାଜରେ ଚିତ୍ତାକର୍ଷକ ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି ବୋଲି ଜିଲା ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ଡା. ରାଜକୁମାର ବଡ଼ପଣ୍ଡା, ବଜରଙ୍ଗଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧିର ରଞ୍ଜନ ବହିଦାର, ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ରାଜୀବ ଶତପଥୀ ସୂଚନା ଦେଇଥିଲେ। ସେମାନେ ଆହୁରି କହିଥିଲେ, ଗୋ ସଂରକ୍ଷଣ ସମ୍ବର୍ଦ୍ଧନା, ଧର୍ମାନ୍ତରୀକରଣ ରୋକିବା, ଧର୍ମାନ୍ତରିତ ବ୍ୟକ୍ତିମାନଙ୍କୁ ଫେରାଇ ଆଣିବା ଭଳି ଜନକଲ୍ୟାଣ କାର୍ଯ୍ୟ କରାଯାଉଛି। ମଠ, ମନ୍ଦିର, ପୂଜକମାନଙ୍କ ସହିତ ସୁସମ୍ପର୍କ ରଖି ସଂସ୍କୃତି ଓ ଭାଷାର ପୁନଃରୁଦ୍ଧାନ କାର୍ଯ୍ୟ କରାଯାଉଛି। ବିଭିନ୍ନ ସ୍ଥାନରେ ଶାଖା ଖୋଲାଯାଇ ଶିକ୍ଷା, ଯୋଗ, ଧନ୍ଦାମୂଳକ ତାଲିମ, ଚିକିତ୍ସାକେନ୍ଦ୍ର, ଛାତ୍ରାବାସ ମଧ୍ୟ ପରିଷଦ ଦ୍ୱାରା ପରିଚାଳନା କରାଯାଉଛି। ବଜରଙ୍ଗଦଳ ମଧ୍ୟ ଏଭଳି ଭାବେ କାମ କରିଆସିଛି। ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରି ହିନ୍ଦୁ ଧର୍ମ ପ୍ରତି ମାଡ଼ି ଆସୁଥିବା ବିପଦକୁ ପ୍ରତିହତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେମାନେ କହିଥିଲେ।

## କୃତୀ ଛାତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ନୂଆପଡା ଅଫିସ: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମିଲି ପ୍ରଧାନ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଜିଲାରେ ପ୍ରଥମ ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ତାଙ୍କର ଏହି କୃତିତ୍ୱକୁ ବିଦ୍ୟାଳୟ ତରଫରୁ ପ୍ରଶଂସା କରାଯାଉଛି । ଏହି ଅବସରରେ ପ୍ରଧାନ ଶିକ୍ଷକ ପଞ୍ଚାନନ ମଟାରି, ଜୟନ୍ତ ସାହୁ, ଦେବାନନ୍ଦ ରଥ, ଘନଶ୍ୟାମ ଭୋଇ, ରିକୁ ପ୍ରଧାନ, ସଙ୍ଗୀତା ସାହୁ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଭଗବାନ ଭରସାରେ ୫୦ରୁ ଊର୍ଦ୍ଧ୍ୱ ପୁରୁଣା ପୋଲ

**ଭବାନୀପାଟଣା,୫।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୁଲ ରାମପୁର ୪୪ ନଂ ରାଜ୍ୟ ରାଜପଥର ଭାଗିରଥି ପାର୍କ ନିକଟରେ ଥିବା ବଡଜୋର ପୋଲ ଗତ ୩୦ ତାରିଖରେ ଭୁଶୁଡି ପଡିଥିଲା । ଏଥିଯୋଗୁ ସେହି ସମୟରେ ଯାଉଥିବା ୨ଟି ଚଳନ୍ତା କାର ପୋଲ ତଳକୁ ଖସି ପଡିଥିଲା । ଏଥିରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ । ଏହାପରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଡାଇଭର୍ସନ ରାସ୍ତା ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ଆରମ୍ଭ କରିଛି । ଏହି ପୋଲ ରାଜରାଜୁଡା ଶାସନ ବେଳର ହୋଇଥିବା ବେଳେ ଏହାର ପିଲରଗୁଡିକ ଇଟାରେ ତିଆରି ହୋଇଥିବା ଜଣାପଡିଛି । ଫଳରେ ତଳର ପିଲରଗୁଡିକ ଦୁର୍ବଳ ହୋଇ ପଡିଲାଣି । ପିଡବ୍ଲୁଡି ବିଭାଗ ଏହା ନିରୀକ୍ଷଣ ବେଳେ କେମିତି ଜାଣିପାରିଲାନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଅଭାବନୀୟ ଘଟଣା ପରେ ବି ପ୍ରଶାସନିକ ଅଧିକାରୀ, ବିଭାଗୀୟ ଉଚ୍ଚ ଅଧିକାରୀ, ସ୍ଥାନୀୟ ଅଧିକାରୀ କିମ୍ବା ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅନ୍ୟପକ୍ଷରେ ପୋଲ ଭୁଶୁଡିବା ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ବାବୁ ଅତି ହାଲୁକା ଭାବେ ନିଜ ବିଭାଗ ଦୋଷ ଛଡେଇ ଏହା ଆକସ୍ମିକ ଘଟଣା ବୋଲି ପ୍ରକାଶ କରିଛନ୍ତି । ସେହିପରି ଆସନ୍ତା ମାସରେ ସେଠାରେ ନୂତନ ପୋଲ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି । ପ୍ରକାଶ ଯେ,୧୯୨୫ ମସିହାରେ ରାଜୁଡା ଶାସନ ସମୟରେ ଇନ୍ଦ୍ରମଣି କରଙ୍କ ଦ୍ୱାରା ଏହି ପୋଲର ନିର୍ମାଣ କାର୍ଯ୍ୟ ହୋଇଥିଲା । ଏହା ଚୁନ, ବେଲ ଅଠା, ଗୁଡରେ ନିର୍ମିତ ହୋଇଥିଲା । ପୋଲରେ ଲୁହାଛଡ ଲାଗି ନ ଥିବା ବେଳେ ଏଥିରେ ପଥର ଓ ଇଟା ଯୋଡେଇ ହୋଇଥିଲା । ଦୀର୍ଘ ୯୭ବର୍ଷ ପରେ ଏହି ପୋଲ ଭୁଶୁଡି ପଡିଛି । ସୁରକ୍ଷା ନେଇ ପିଡବ୍ଲୁଡି ବିଭାଗର ଯାଞ୍ଚର ଅଭାବ ଯୋଗୁ ଏପରି ଅଭାବନୀୟ ଘଟଣା ଘଟିଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି । ଗତ ୨୦୧୦-୧୧ ମସିହାରେ ଏଆରଏସଏସ୍ କମ୍ପାନୀ ପକ୍ଷରୁ ଏହି ରାସ୍ତା ନିର୍ମାଣ ହୋଇ ପ୍ରଶସ୍ତୀକରଣ କରାଯାଇଥିଲା । କିନ୍ତୁ ଏହି ସମୟରେ ରାଜରାଜୁଡା ଶାସନ ଅମଳର ବହୁ ପୁରୁଣା ପୋଲ ଗୁଡିକୁ ଏଷ୍ଟିମେଟରୁ ବାଦ ଦିଆଯାଇଥିଲା । ଅସୁରକ୍ଷିତ ପୋଲଗୁଡିକୁ ଏଷ୍ଟିମେଟରେ ସାମିଲ ନ କରିବା ଘଟଣା ପିଡବ୍ଲୁଡି ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିସ୍ଥଳେ ଜିଲାରେ ଥିବା ୫୦ରୁ ୬୦ଟି ଏପରି ପୁରୁଣା ପୋଲକୁ ସର୍ଭେ କରାଯାଇ ରିପୋର୍ଟ ଦିଆଯାଇଥିବା ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ ଜଣାପଡିଛି । ଏହି ପୋଲଗୁଡିକ ବର୍ତ୍ତମାନ ଭଲ ଥିବା ବେଳେ ଆଗକୁ କେତେ ବେଳେ କଣ ହେବ ତାହା ଭଗବାନଙ୍କ ଭରସାରେ ରହିଛି । ଅନ୍ୟପକ୍ଷରେ କଳାହାଣ୍ଡି ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀ ଭାବେ ଅଜିତ ବାବୁ ଗତ ୯।୫।୨୦୧୬ରେ ଯୋଗ ଦେଇଥିଲେ । ଏହାପରେ ସେ ବଦଳି ହେବା ପରିବର୍ତ୍ତେ ଗତ ଅକ୍ଟୋବର ୨୦୨୧ରେ ଅଧିକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ବର୍ତ୍ତମାନ ସେ ଜିଲାର ପିଡ୍ଲୁଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାବେ ଅବସ୍ଥାପିତ ଅଛନ୍ତି । ସେହିପରି ଏହି ଅଫିସର ନିର୍ବାହୀ ଯନ୍ତ୍ରୀଙ୍କ ଯୋଗଦାନ ଓ ବଦଳି ସମୟର ସୂଚନାକୁ ଦେଖିଲେ କେହି ମଧ୍ୟ ନିର୍ବାହୀ ଯନ୍ତ୍ରୀ ଏଠାରେ ୩ ବର୍ଷରୁ ଅଧିକ ତିଷ୍ଠି ପାରିନାହାନ୍ତି । ହେଲେ ଗତ ୨୦୧୬ ମସିହାରୁ ଥିବା ଏହି ଅଧିକାରୀ ଜଣକ ଦୀର୍ଘ ୭ବର୍ଷ ଧରି ଏଠାରେ କେମିତି ଅବସ୍ଥାପିତ ଅଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

**ରିର୍ପୋଟ-ଉତ୍ତମ କୁମାର ଦାଶ**

### କଳାହାଣ୍ଡି ଜିଲା ପୂର୍ତ୍ତ ବିଭାଗ

- ୭ ବର୍ଷ ପରେ ବି ଅଫିସରେ ଅବସ୍ଥାପିତ ଅଛନ୍ତି ଅଧିକାରୀ
- ବଦଳି ହେବା ପରିବର୍ତ୍ତେ ମିଳିଛି ପଦୋନ୍ନତି





ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଅଜିତ ବାବୁ

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଗିରଫ, କୋର୍ଟ ଚାଲାଣ

**ଖଡ଼ିଆଳ,୫।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ସାନମହେଶ୍ୱର ଗ୍ରାମ ପଞ୍ଚାୟତ ବଡମହେଶ୍ୱର ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ପୋଲିସ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ରାମର ଦିବ୍ୟାଙ୍ଗ ଯୁବତୀ (୧୯) ଅକ୍ଟୋବର ଏକ ତାରିଖରେ ନିଜ ଚାଷ ଜମିକୁ ଗାଈ ଚରାଇବାକୁ ଯାଇ ସନ୍ଧ୍ୟା ଛଅଟାରେ ଘରକୁ ଫେରୁଥିଲେ । ଗ୍ରାମର ଯୁବକ ଫଗୁଣ ମାଝୀ ଦିବ୍ୟାଙ୍ଗ ଯୁବତୀଙ୍କୁ ହାତଗୋଡ ଓ ମୁହଁକୁ ବାନ୍ଧି ଅପହରଣ କରି ବୁଦା ମୂଳରେ ବଳାତ୍କାର କରିଥିଲେ । ଦିବ୍ୟାଙ୍ଗ ଯୁବତୀ ଜଣକ ରସି ଖୋଲି ରାତିରେ ଘରକୁ ଯାଇ ପାରି ନ ଥିଲେ । ୨ ତାରିଖ ସକାଳ ସାତଟାରେ ଯୁବତୀ ଜଣକ ଘରକୁ ଆସି ତାଙ୍କ ସାବତ ମା'ଙ୍କୁ ସମସ୍ତ ଘଟଣା ଅଙ୍ଗଭଙ୍ଗୀ ଠାର ମାଧମରେ ଅବଗତ କରିଥିଲେ । ପରେ ଦିବ୍ୟାଙ୍ଗ ଯୁବତୀଙ୍କ ବାପା ଅକ୍ଟୋବର ତିନି ତାରିଖରେ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୪୪୭/୨୨) ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି ।

### ଭୁଜାଲି ମାଡ଼ରେ ଯୁବକ ଗୁରୁତର

**ଲୋଇସିଂହା,୫।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ଗ୍ରାମରେ ଦୁର୍ବୃତ୍ତଙ୍କ ଭୁଜାଲି ମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ଲୁହୁରାପାଲି ଗ୍ରାମର ପ୍ରଶାନ୍ତ ବାଗ(୨୫) । ଲୋଇସିଂହା ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ବଲାଙ୍ଗୀର ଭୀମବୋଇ ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ବୁର୍ଡାର କଳାସୀ ଯାତ୍ରା ଅନୁଷ୍ଠିତ ହେଉଥିଲା । ବୁଢ଼ୀପଦର ପଞ୍ଚାୟତ ଲୁହୁରାପାଲିର ପ୍ରଶାନ୍ତ ଯାତ୍ରା ଦେଖିବାକୁ ଆସିଥିଲେ । ସ୍ଥାନୀୟ ଜଣେ ଯୁବକଙ୍କ ସହ ସେ ଯାତ୍ରା ଦେଖୁଥିଲେ । ପରେ ସ୍ଥାନୀୟ ଯୁବକ ଜଣଙ୍କ ପ୍ରଶାନ୍ତଙ୍କୁ ନିକଟସ୍ଥ ବହିମୁଣ୍ଡା ହିଡକୁ ଡାକି ନେଇଥିଲେ । ଉଭୟେ ସେଠାରେ ପହଞ୍ଚିବା ପରେ ପ୍ରଶାନ୍ତଙ୍କ ମୁହଁକୁ ଲଙ୍କାଗୁଣ୍ଡ ପକାଇ ଏକ ଭୁଜାଲିରେ ସମ୍ପୃକ୍ତ ଯୁବକ ଜଣକ ଆକ୍ରମଣ କରିଥିଲେ । ଭୁଜାଲି ମାଡରେ ତାଙ୍କ କାନମୁଣ୍ଡ ଏବଂ ମୁଣ୍ଡରେ ଆଘାତ ଲାଗିଛି । ପ୍ରଶାନ୍ତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଓଠେଶରେ ରୁଣ୍ଡ ହୋଇଯାଇଥିଲେ । ସେଠାରେ ନିୟୋଜିତ ପୋଲିସ ପ୍ରଶାନ୍ତଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଘଟଣା ପରେ ଦୁର୍ବୃତ୍ତ ଫେରା ହୋଇଯାଇଛନ୍ତି । କେଉଁ କାରଣକୁ ନେଇ ଆକ୍ରମଣ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ ।

### ମୌସମ ୱାରିୟର ଫୁଟବଲ: କୁଚିଣ୍ଡା, ଢେଙ୍କାନାଳ ଫାଇନାଲ ମୁକାବିଲା

**ଲୋଇସିଂହା,୫।୧୧(ଡି,ଏନ,ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ହାଇସ୍କୁଲ ଖେଳ ପଡିଆରେ ପ୍ରଥମ ଅଲ୍ ଓଡିଶା ମୌସମ ୱାରିୟର ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ଦ୍ୱିତୀୟ ସେମିଫାଇନାଲ ଖେଳ ବୀରମହାରାଜପୁର ଓ ଢେଙ୍କାନାଳ ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଖେଳ ବରାବର ରହିବାରୁ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ । ଏଥିରେ ୨-୧ ଗୋଲରେ ବୀରମହାରାଜପୁରକୁ ହରାଇ ଢେଙ୍କାନାଳ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । କୁଚିଣ୍ଡା ଏକାଦଶ ଏ ଗ୍ରୁପରୁ ଫାଇନାଲରେ ପ୍ରବେଶ କରିସାରିଛି । ରବିବାର କୁଚିଣ୍ଡା ଏବଂ ଢେଙ୍କାନାଳ ମଧ୍ୟରେ ଫାଇନାଲ ଖେଳ ହେବ । ଶନିବାର ମ୍ୟାଚରେ ଡେପୁଟି କଲେକ୍ଟର ପରାଶର ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶୁକ୍ରବାର ସମ୍ବଲପୁର ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନଲ ଖେଳରେ ଢେଙ୍କାନାଳ ବିଜୟୀ ହୋଇଥିଲା । ନବ ନିଯୁକ୍ତ ହାଇସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂ ଦେଓ ମୁଖ୍ୟଅତିଥି, ସୋମନାଥ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେପୂର୍ବତନ ଖେଳାଳି ସିଦ୍ଧେଶ୍ୱର ମିଶ୍ର ଓ ଜିଲା ଫୁଟବଲ ସଂଘ ସମ୍ପାଦକ ହେମନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କୋକସରା ବ୍ଲକ ସମିତି ସଂଘର ବୈଠକ

**କୋକସରା,୫।୧୧(ଡି.ଏନ.ଏ.)**

କୋକସରା ପଞ୍ଚାୟତ ସମିତି ଅଧୀନ ୨୨ ପଞ୍ଚାୟତର ସମିତି ସଂଘର ଏକ ଜରୁରୀକାଳୀନ ବୈଠକ ଶନିବାର କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଧାନ ମଣ୍ଡି ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହିମା ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ସମିତି ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଏହି ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ବିଭିନ୍ନ ପଞ୍ଚାୟତର ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ମୁକ୍ତେଶର ନାଏକ, ରାଜୀବ ଖମାରି, ଦେବେନ୍ଦ୍ର ଧରୁଆ, ଗୁପ୍ତେଶ୍ୱର ବାଗ, ଶାମୁକା ନାଏକ, ବୈଦେହୀ ବେଶ୍ରା, ଅନୁସୂୟା ମାଝୀ, ଉର୍ଆଁସୀ ପାନ, ଅଞ୍ଜନା ଦୁର୍ଗା, ନମିତା ଚଣ୍ଡି, ଗାୟତ୍ରୀ ପଣ୍ଡା, ଶିବାନି ଗଇନ୍ତା, ହେମକାନ୍ତି ପୁଝାରି ଉପସ୍ଥିତ ଥିଲେ । କାଶିବାହଲ ସମିତି ସଭ୍ୟ ଗଜାନନ ନିଆଲ ବୈଠକ ପରିଚାଳନା କରିଥିଲେ ।

## ଝାରକୁଣ୍ଡାମାଳକୁ ହରାଇ ଡଙ୍ଗରିଗୁଡା ଚାମ୍ପିୟନ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବେହେରା,୫।୧୦(ଡି.ଏନ.ଏ.)**

### ଦଣ୍ଡପାଟ ଫୁଟବଲ ଚାମ୍ପିୟନ ଟ୍ରଫି

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟର ବେହେରା ହାଇସ୍କୁଲ ପଡିଆରେ ୬ ଦିନ ବ୍ୟାପି ଚାଲିଥିବା ଦଣ୍ଡପାଟ ଫୁଟବଲ ଚାମ୍ପିୟନ ଟ୍ରଫିର ଫାଇନାଲ ମ୍ୟାଚ ଶନିବାର ଝାରକୁଣ୍ଡାମାଳ ଓ ଡଙ୍ଗରିଗୁଡା ମଧ୍ୟରେ ହୋଇଥିଲା । ଡଙ୍ଗରିଗୁଡା ୨-୦ ଗୋଲରେ ଝାରକୁଣ୍ଡାମାଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ଝାରକୁଣ୍ଡାମାଳ ଦଳ ରନର୍ସ ଅପ ହୋଇଛନ୍ତି । ଶୁକ୍ରବାର ସେମି ଫାଇନାଲରେ ଝାରକୁଣ୍ଡାମାଳ ୧.୦ ଗୋଲରେ ଧର୍ମଗଡକୁ ପରାଜିତ କରି ଫାଇନାଲକୁ ପ୍ରବେଶ କରିଥିବା ବେଳେ ଡଙ୍ଗରିଗୁଡା ୩-୦ ଗୋଲରେ ଡହଗାଁକୁ ପରାଜିତ କରି ଫାଇନାଲକୁ ପ୍ରବେଶ କରିଥିଲା । କ୍ଷୀରୋଦ ଶବର, ସଞ୍ଜୀବ ଦୁର୍ଗା ଓ ତାପସ ଦାସ ଖେଳ ପରିଚାଳନା କରିଥିଲେ । ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆମପାଣି ଜୋନ ୧ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ମାନସ ବାଗ,ଘୁମର ସରପଞ୍ଚ ଜନ୍ମେଜୟ ଗୋପାଳ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ , କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୁ ଅଗ୍ରୱାଲ, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ପୂର୍ବତନ ଧର୍ମଗଡ ବ୍ଲକ ଅଧକ୍ଷ ବଳରାମ ପୁଝାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଈଶ୍ୱର ବାଣୁଆ ଓ ଜୟନ୍ତ ବାରିକ, କ୍ଷୀରସିନ୍ଧୁ ବାଣୁଆ ଓ କ୍ଷୀରସିନ୍ଧୁ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ । ଅୟୋଜକ କମିଟି ଦଣ୍ଡପାଟ ଫୁଟବଲ କ୍ଲବର ବରିଷ୍ଠ ସଦସ୍ୟ ରଜନୀକାନ୍ତ ନାଏକ, ସଭାପତି ଭବେଶ ଗଇନ୍ତା, ସମ୍ପାଦକ ବିନ୍ଦୁସାର ବିଶି, ଭବାନୀ ବାରିକ, ଲଳିତ ବାଣୁଆ, ବାଲକୃଷ୍ଣ ବିଶି, ତ୍ରିଲୋକ ସିଂ, ଉପେନ୍ଦ୍ର ନାଏକ, ତରେଶ ବିଶି ତଥା କମିଟିର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ ।

## ଖଡ଼ିଆଳ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଶ୍ରୀମଦ ଭାଗବତ ପାରାୟଣ ଉତ୍ସବ

**ଖଡ଼ିଆଳ, ୫।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନମ୍ବର ଆଠ ସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶ୍ରୀମଦ୍ ଭାଗବତ ପ୍ରାୟଣ ଉତ୍ସବ ଚତୁର୍ଥ ଦିନରେ । କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଁଳା ନବମୀ ତିଥିରେ ଶ୍ରୀମଦ୍ ଭାଗବତ ପ୍ରାୟଣ ଉତ୍ସବ ଆରମ୍ଭ ହୋଇଛି । ଆସନ୍ତା କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୦ଟାରୁ ୨.୩୦ ମିନିଟ ପର୍ଯ୍ୟନ୍ତ ଭାଗବତ ପ୍ରାୟଣ, ସନ୍ଧ୍ୟାରେ ଆଳତି ପରେ ୬.୩୦ ମିନିଟ ଠାରୁ ରାତ୍ର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଭାଗବତ ପ୍ରବଚନ ଅନୁଷ୍ଠିତ ହୋଇଛି । ଅପରାହ୍ନ ୩ରୁ ହାବିଷ୍ୟର୍ଣ୍ଣ ଆରମ୍ଭ ହୋଇଥାଏ । ଶ୍ରୀମଦ ଭାଗବତ ପଠନ ହେଉଥିବା ବ୍ୟାସ ଶ୍ରୀନିବାସ ମିଶ୍ର ପ୍ରକାଶ କରିଛନ୍ତି । ଗିରିଧାରୀ ମିଶ୍ର ଭଜନ ଗାୟକ, ବିଜୟ ବଘେଲ ବାଦ୍ୟଯନ୍ତ୍ରରେ ମୂରଲୀ ପଟେଲ, କିରଣ ପ୍ରମୁଖ ସହଯୋଗ କରିଥିଲେ । ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ସଭାପତି ମିଳିନ୍ଦ୍ର ଖମାରୀ, ରତନ ସୋନି, ରଂଜନ ବେହେରା, ହୃଷିକେଶ ସାହୁ, ମନୋଜ ହୋତା, ଦେବେଶ ହୋତା, ଶାନ୍ତାନୁ ପଣ୍ଡା, ଅଶୋକ ବାରିକ, ବିଜୟ ବାରିକ ପ୍ରମୁଖ ସହଯୋଗ କରିଛନ୍ତି । ଶହେରୁ ଉର୍ଦ୍ଧ୍ୱ ହାବିଶ୍ୟାଳି ପ୍ରତିଦିନ ହବିଷ ଭୋଜନ ପାଇଁ ଯୋଗଦାନ କରୁଛନ୍ତି ।

## ୪୮ ଘଣ୍ଟା ପରେ କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ



କେନାଲ କୂଳରେ ଗ୍ରାମବାସୀ ।

**କୋକସରା,୫।୧୧(ଡି.ଏନ.ଏ.)**

ଦୀର୍ଘ ୪୮ ଘଣ୍ଟା ପରେ କୋକସରା ଅଞ୍ଚଳରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର କେନାଲରୁ ଜବତ ହୋଇଛି । ପ୍ରକାଶ ଯେ, କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ନୂଆପଡା ଗ୍ରାମର ଦେବେନ୍ଦ୍ର ବାଗ (୨୫) ଗାଁ ନିକଟରେ ଥିବା ଇନ୍ଦ୍ରାବତୀ ବାମ କେନାଲକୁ ଗତ ଗୁରୁବାର ଦିନ ଗାଧୋଇବାକୁ ଯାଇଥିଲେ । ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇ ପାରି ନ ଥିଲେ । କେନାଲରେ ପ୍ରବଳ ପାଣି ସ୍ରୋତ ଥିବାରୁ ବୁଡି ଯାଇଥିବା ନେଇ ପରିବାର ଓ ଗ୍ରାମବାସୀ ସନ୍ଦେହ କରିଥିଲେ । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଦମକଳ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ କେନାଲରେ ସର୍ଚ୍ଚ ଅପରେସନ କରିଥିଲେ ମଧ ଯୁବକଙ୍କ ସନ୍ଧାନ ମିଳି ନ ଥିଲା । ପରେ ଇନ୍ଦ୍ରାବତୀ କେନାଲ କର୍ତ୍ତୃପକ୍ଷ ପାଣି ଛାଡିବା ବନ୍ଦ କରିବାରୁ ପାଣି କମିବା ପରେ କେନାଲରେ ଖୋଜାଖୋଜି କରାଯାଇ ଦେବେନ୍ଦ୍ରଙ୍କ ମୃତଦେହ ଜବତ କରିଥିଲେ । ପୋଲିସ ଓ ଗ୍ରାମବାସୀ ସହଯୋଗ କରିଥିଲେ । କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ ଓ ସମିତି ସଭ୍ୟ ଗଜାନନ ନିଆଲ, ସରପଞ୍ଚ ପ୍ରତିନିଧି ରୁଦ୍ର ନାଏକ ଓ କିଶୋର ନାଏକ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ କୋକସରା ପୋଲିସ ନଂ ୨୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଏଏସଆଇ ଉଷା ହରିଜନ ସୂଚନା ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ ଦାବି

**ଲାଠୋର, ୫।୧୧(ଡି.ଏନ.ଏ.)**

୨୦୧୮ ମସିହାରୁ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ଅଭିଜ୍ଞ ଏବଂ ଆର୍ଥିକ କ୍ଷେତ୍ରରେ ପଛୁଆ କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ହେଲେ ଏଥିରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଜାମଚୁଆର ଜଣେ ଏବଂ ଜଲପାଙ୍କେଲର ୩ଜଣ ବଞ୍ଚିତ ରହିଛନ୍ତି । ଏ ନେଇ ସମ୍ପୃକ୍ତ ୪କଳାକାର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଜଲପାଙ୍କେଲ ଗ୍ରାମର ହରି ସୁନା, ହେରନା ସୁନା ଏବଂ ଡ଼ମନା ସୁନା ବାଦ୍ୟକାର ଏବଂ ଜାମଚୁଆର ଜୟଦେବ ନାଗ ସଂକୀର୍ତ୍ତନ ଗାୟକଭାବେ ଜଣାଶୁଣା । ଯୋଜନା ଆରମ୍ଭ ହେବା ଦିନରୁ ଏହି କଳାକାରମାନେ ଏହି ଯୋଜନାରେ ସାମିଲ ହେବା ପାଇଁ ବାରମ୍ବାର ଆବେଦନ କରି ଆସିଛନ୍ତି । ଗତ ଅକ୍ଟୋବର ୨୮ତାରିଖରେ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ତାଲିକାଭୁକ୍ତ କଳାକାରମାନଙ୍କୁ କଳା ପ୍ରଦର୍ଶନ କରିବାକୁ ନିମନ୍ତ୍ରଣ କରାଯାଇଥିଲା । ହେଲେ ତାଲିକାଭୁକ୍ତ ଏଡି ୪ କଳାକାର ସେତେବେଳେ ଛତିଶଗଡ଼ ରାଜ୍ୟରେ ପ୍ରୋଗ୍ରାମ କରିବାକୁ ଯାଇଥିଲେ । ଏହି କାରଣରୁ ସେମାନେ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ । ଗାଁକୁ ଫେରିଲା ପରେ ସେମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବୁଝାବୁଝି କରିଥିଲେ । ହେଲେ ସାମାଜିକ ସୁରକ୍ଷା ଅଧିକାରୀ ଏ ନେଇ କିଛି କରି ପାରିବେ ନାହିଁ ବୋଲି କହିବା ପରେ ସମ୍ପୃକ୍ତ କଳାକାରମ୍ମାନେ ନିରାଶ ହୋଇ ପଡ଼ିଛନ୍ତି । ଏନେଇ ଖପ୍ରାଖୋଲ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କୁ ପଚାରିବାରେ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଯେଉଁ କଳାକାରମାନେ ଯୋଗ ଦେଇଥିଲେ ସେମାନଙ୍କ ତାଲିକା ଉପର ମହଲକୁ ସୁପାରିଶ ପାଇଁ ପଠାଯାଇଛି । ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନେ ପୁନର୍ବାର ଆବେଦନ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ତେବେ ଅଡିସନରୁ ବଞ୍ଚିତ କଳାକାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ ପ୍ରଶାସନ ଆଶୁ ପଦକ୍ଷେପ ନେବାକୁ କଳାକାର ମହଲରେ ଦାବି ହେଉଛି ।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



ଗାଁରେ ଶୋକାକୁଳ ପରିବେଶ ।



ଚନ୍ଦ୍ରମଣି ରାଉତ(ଫାଇଲ ଫଟୋ)

**କୋକସରା,୫।୧୧(ଡି.ଏନ.ଏ.)**

ଶନିବାର ଆନ୍ଧ୍ରପ୍ରଦେଶରୁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ତାଙ୍କ ଗାଁରେ ପହଞ୍ଚିଛି । ମୃତ ଶ୍ରମିକ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ବଗଡିଆପଡାର ଚନ୍ଦ୍ରମଣି ରାଉତ (୨୭) । ଗ୍ରାମବାସୀଙ୍କ ସହାୟତାରେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।

ପ୍ରକାଶ ଯେ, ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଗତ ସପ୍ତାହରେ କଳାହାଣ୍ଡିରୁ ଆନ୍ଧ୍ରପ୍ରଦେଶର ନିଜାମାବାଦକୁ ଦାଦନ ଖଟିବାକୁ ଯାଇଥିଲେ ଚନ୍ଦ୍ରମଣି । ହେଲେ ବିଧିର ବିଧାନ ଥିଲା ଅଲଗା । ସେଠାରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ପରିବାର ଲୋକେ ଧାର କରଜ କରି ଆନ୍ଧ୍ରପ୍ରଦେଶରୁ ମୃତଦେହ ଆଣିବା ପାଇଁ ଯାଇଥିଲେ । ଶେଷରେ ଶ୍ରମିକ ଭାବେ କାମ କରୁଥିବା କମ୍ପାନୀ ସହାୟତାରେ ମୃତଦେହ ଏକ ଆମ୍ବୁଲାନ୍ସରେ ଗାଁକୁ ଅଣା ଯାଇଥିଲା । ଚନ୍ଦ୍ରମଣି ହେଉଛନ୍ତି ବଗଡିଆପଡାର ଜୟଲାଲ ରାଉତଙ୍କ ପୁଅ । ଗତ ମଙ୍ଗଳବାର କମ୍ପାନୀରେ କାମ ସାରି ଘରକୁଫେରିବା ବେଳେ ଟ୍ରାକ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ଅପରପକ୍ଷରେ ପରିବାରର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ମା'ବାପା ଦୁଃଖରେ ଭାଙ୍ଗି ପଡିଛନ୍ତି ।

### ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ମା' ବାପା

## ଉଠା ଜଳସେଚନ ମୋଟର ଚୋରି: ପାଣି ପାଇଁ ଚାଷୀ ହତାଶ

**ଖଡ଼ିଆଳ, ୫।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଉଠାଜଳସେଚନ ବିଭାଗ ତରଫରୁ ସ୍ଥାପିତ ହୋଇଥିବା ନେହେନା ଗ୍ରାମର ଦୁଇ ନମ୍ବର ଉଠା ଜଳସେଚନ ପଏଣ୍ଟର ମୋଟର ଦୀର୍ଘ ପାଞ୍ଚ ଛ ମାସ ହେବ ଚୋରି ହୋଇଥିବାବେଳେ ଏନେଇ ବିଭାଗ ତରଫରୁ ଆଉ ଏକ ପୁରୁଣା ମୋଟର ଯୋଗାଇ ଦିଆ ଯାଇଥିଲା । ହେଲେ ସେହି ମୋଟର କାର୍ଯ୍ୟ କରୁ ନ ଥିବାରୁ ଉକ୍ତ ମୋଟର ପାଣି ଉପରେ ନିର୍ଭର କରୁଥିବା ୧୮ ରୁ ୨୦ ଜଣ ଚାଷ କରିଥିବା ଚାଷୀ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଉକ୍ତ ଜଳସେଚନ ପଏଣ୍ଟ ଉପରେ ପ୍ରାୟ ୫୦ ରୁ ୧୦୦ ଏକର ଚାଷ ଜମି ନିର୍ଭର କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଉକ୍ତ ଉଠା ଜଳସେଚନ ପଏଣ୍ଟ ଉପରେ ରାଜାରାମ ଜଗତ, ନୀଳମାଧବ ଜଗତ, ରୁଦ୍ର ଜଗତ, ଟୁନା ଜଗତ, ଘାସିରାମ ନାଗ, ଅଭିରାମ ଜଗତ, କୁନୁ ତାହାଣି, ନୂଆଁ ତାହାଣି, ମସ୍ତ ତାହାଣି, ମୋତିରାମ ଜଗତ, ପଣ୍ଡା ସୁନାନୀ, ହାସୁ ବଘେଲ, ବାଘା ବଘେଲ, ପୁରୁନ ତାଣ୍ଡି, ସମବାରୁ ଶବର, ଦୟାନିଧି ରାଉତ, ଘାସିରାମ ବିଶି ଆଦି ଅନେକ ଚାଷୀ ଏହି ପଏଣ୍ଟ ଉପରେ ନିର୍ଭର କରି ଧାନ ଚାଷ କରିଥିଲେ । ହେଲେ ବର୍ତ୍ତମାନ ପାଣି ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦୁଃଖର ସହିତ କହିଛନ୍ତି । ଏହି ଘଟଣା ବିଷୟରେ ଖବର ପାଇ ନୂଆପଡ଼ା ଜିଲା ବିଜୁ ଜନତା ଦଳ ଉପ ସଭାପତି ମନୋଜ କୁମାର ଦୀପ ଉକ୍ତ ଉଠା ଜଳସେଚନ ପଏଣ୍ଟ ଅଞ୍ଚଳକୁ ନିଜେ ପ୍ରତ୍ୟକ୍ଷ ଯାଇ ଚାଷୀମାନଙ୍କ ସହ ଏବିଷୟରେ ଆଲୋଚନା କରିଥିଲେ । ତାର ସମାଧାନ ତଥା ନୂତନ ମୋଟର ସଂଯୋଗ କରିବା ପାଇଁ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଡୋଲକିଆଙ୍କ ସହ ଆଲୋଚନା କରି ଯଥାଶୀଘ୍ର ନୂତନ ମୋଟର ଲଗାଇବାର ବ୍ୟବସ୍ଥା କରିବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏନେଇ ଖଡ଼ିଆଳ ଉଠା ଜଳସେଚନ ବିଭାଗ ଏସଡ଼ିଓ କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଉକ୍ତ ମୋଟର ଚୋରି ହୋଇ ଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି ଏବଂ ଅଫିସରେ ଏକ ପୁରୁଣା ମୋଟର ସେଠାରେ ଲଗାଇ ଦିଆଯାଇଛି । ପରେ ନୂତନ ମୋଟର ଆସିଲେ ପୁରୁଣା ମୋଟର କାଢି ଦେଇ ନୂଆଁ ମୋଟର ଲଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ମୋଟର ଲଗାଇବାର ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି ।



ପାଣି ପାଇଁ ହତାଶ ହୋଇଥିବା ଚାଷୀମାନେ ।

## ସଂକ୍ଷେପରେ

### ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଉଲୁଣ୍ଡା ଗସ୍ତ

ଉଲୁଣ୍ଡା, ୫।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକକୁ ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗସ୍ତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଏସଏଫସି, ସିଏଫସି ଓ ଅନ୍ୟାନ୍ୟ ପାଣ୍ଠିର ବିନିଯୋଗ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଡିଓ ହେମସାଗର ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଗୋବିନ୍ଦ ମିଶ୍ର, କୃତ୍ତିବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମହାନଦୀରେ ବ୍ଲାଷ୍ଟିଂକୁ ବିରୋଧ

ବିନିକା, ୫।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକାରେ ଶନିବାର ସ୍ଥାନୀୟ ମତ୍ସ୍ୟଜୀବୀ ସଂଘ ତରଫରୁ ସଭାପତି ଗୋପୀନାଥ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ମତ୍ସ୍ୟଜୀବୀ ତହସିଲଦାର ମୁକ୍ତେଶର ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲାଷ୍ଟିଂ ଦ୍ୱାରା ମହାନଦୀର ପାଣି ଦୂଷିତ ହେବା ସହିତ ଅନେକ ଜଳଚର ପ୍ରାଣୀଙ୍କର ମୃତ୍ୟୁ ଘଟୁଛି। ଏଥିଯୋଗୁ ପରିବେଶ ଦୂଷିତ ହେଉଛି। ଏଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି।

### ବୀରମହାରାଜପୁରରେ କଳାସୀ ଯାତ୍ରା

ଅମରପାଲି, ୫।୧୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସୁନାରିବେନି, ଝାରକୁମୁଣ୍ଡା, ପିପଲକଟା, ଉଫୁଲା, ଲାତୁରପେଟ, ବଡଖମାର, ସୁବଳୟା, ଲଖନୀ, ମୂର୍ଖୁଣ୍ଡି, ବଡବର୍ଡାକଟା, ବୁଠିପଦର, ରାମ୍ପିପାଲି, ଦନ୍ତାପାଲି, ପୁଲେଶ୍ୱର, ଖଣ୍ଡହତା ଆଦି ସ୍ଥାନରେ ପାରମ୍ପରିକ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶମୀ ସନ୍ଧ୍ୟାରେ ଦେଉଳ ବରଣ ପାଇଁ ଦେବୀ କୈଳାସୀ ଉଷା କୋଠି (କଳାସୀ ଗୁଡ଼ି)ରୁ ଛତିଛତ୍ର, ଆଲଟ, ଚାମର ସହ ପଟୁଆରରେ ଶିବ ମନ୍ଦିରକୁ ଯାଇଥିଲେ। ବରୁଆମାନେ ପଞ୍ଚବାଦ୍ୟ ଓ ଧୁନକେଲର ତାଳେତାଳେ ନୃତ୍ୟ କରିଥିଲେ। ରାତିରେ ମାଟି ତିଆରି କଳସୀରେ ଶିବଙ୍କ ପାଦୁକା ଭର୍ତ୍ତି କରି ଉଷା କୋଠିରେ ସ୍ଥାପନ କରିଥିଲେ। ଉଷା କୋଠିରେ ପାରମ୍ପରିକ ଚିତ୍ରକଳା ଶୈଳୀରେ ଅଙ୍କିତ ଦେବାଦେବୀଙ୍କ ପୂଜା ହୋଇଥିଲା। ଏକାଦଶୀ ତିଥିରେ ଉଷା କୋଠିରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ଢୋଲ ଓ ଘଣ୍ଟର ତାଳେ ତାଳେ ବରୁଆଙ୍କ ଦେହରେ ଶକ୍ତି ପ୍ରବେଶ ହୋଇଥିଲା। ଏହାପରେ ବରୁଆମାନେ ବାଦ୍ୟର ତାଳେତାଳେ ନୃତ୍ୟ କରିବା ସହ ଭକ୍ତଙ୍କୁ ଆଶିଷ ପ୍ରଦାନ କରିଥିଲେ। ଦ୍ୱାଦଶୀ ସକାଳେ ଦେବୀ କୈଳାସି ପୁଣି ପଟୁଆରରେ ଗ୍ରାମ ପରିକ୍ରମା ପୂର୍ବକ ପ୍ରତି ଘରେ ଭୋଗ ପ୍ରସାଦ ଗ୍ରହଣ କରିଥିଲେ। ପରେ ଗାଁ ନିକଟ ବନ୍ଧ ଓ ନାଳରେ କଳାସୀ ବିସର୍ଜନ କରାଯାଇଥିଲା।

### କଳାସୀ ଯାତ୍ରା, ରାମ ସାଗର ଲୋକ ମହୋତ୍ସବ

ତରଭା, ୫।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପୁଆ ଗ୍ରାମରେ ରାମସାଗରକୁ ପୁନରୁଦ୍ଧାର କରାଯାଇ ଆକର୍ଷଣୀୟ କରାଯାଇଛି। ଅଞ୍ଚଳର ଲୋକକଳା ଓ ସଂସ୍କୃତି କଳାସୀ ଯାତ୍ରାକୁ ମୁଖରିତ କରିବା ଉଦ୍ଦେଶ୍ୟରେ ରାମସାଗର ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ଅଞ୍ଜଳି କମ୍ପ, ରାମପୁର କଲେଜ ପରିଚାଳନା କମିଟି ସଭାପତି ରମେଶ ପୂଜାରୀ, ଜରାଜାରଙ୍ଗୀ ସରପଞ୍ଚ ସଦା ପାତ୍ର, ପାଇକବାହାଲ ସରପଞ୍ଚ ଗଣନାଥ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ସରୋଜ କମ୍ପ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁଆ ପଞ୍ଚାୟତକୁ ଆଗେଇ ନେବାପାଇଁ ମନ୍ତ୍ରୀ ପୂଜାରୀଙ୍କ ସହଯୋଗ କାମନା କରିଥିଲେ ସରପଞ୍ଚ ଡାଙ୍ଗ। ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ, ପଞ୍ଚାୟତ ଅଞ୍ଚଳରେ ଥିବା ସ୍କୁଲ ସହ ଅନ୍ୟ କେତେକ ସମସ୍ୟା ଉପରେ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁଆରେ କଲ୍ୟାଣ ମଣ୍ଡପ, ସୁକତେଲ ନଦୀରୁ ଏହି ଅଞ୍ଚଳକୁ ଜଳସେଚନ, ମନ୍ଦିର ମଣ୍ଡପ ନିର୍ମାଣ, ପୁଆ ହାଇସ୍କୁଲକୁ ୫ଟିରେ ସାମିଲ କରାଯିବ ବୋଲି ମନ୍ତ୍ରୀ ପୂଜାରୀ ଏହି ଅବସରରେ ଘୋଷଣା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। ବିଳମ୍ବିତ ସମୟ ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହାରାଜ କଂସ ଦରବାର ଆରମ୍ଭ ହୋଇଥିଲା।

# ପ୍ରତିଭା ବିକାଶର ମାଧ୍ୟମ ସୁରଭି

## ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ



ସୁରଭି ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ ସୁରଭି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭଲ ଶିକ୍ଷା ସହିତ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭା ଚିହ୍ନଟ କରିବା ଓ ବ୍ୟକ୍ତିତ୍ୱ ନିର୍ମାଣ କରିବା ସୁରଭି ଓ କଳା ଉତ୍ସବର ଲକ୍ଷ୍ୟ ବୋଲି ଦାଶ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଭୋଇ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ର ଆଦର୍ଶ ବ୍ୟକ୍ତିତ୍ୱ ମାନଙ୍କୁ ଅନୁସରଣ କରି ଆତ୍ମସନ୍ତୋଷ ପୂର୍ବକ ଉତ୍ତମ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ବିଇଓ ଗଣେଶ କିଷାନ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଅତିଥି ପରିଚୟ, ମହାରାଜା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଶିଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଭା ସଂଯୋଜନା କରିଥିଲେ। ଅନୁଷ୍ଠିତ ସୁରଭି ପ୍ରତିଯୋଗିତାରେ ୧୮ଟି ଇଭେଣ୍ଟରୁ ଜିଲାର ୬ଟି ବ୍ଲକରୁ ଚୟନ ହୋଇଥିବା ୨୬୪ ପ୍ରତିଯୋଗୀ ଓ କଳା ଉତ୍ସବରେ ୧୦ଟି ଇଭେଣ୍ଟରେ ୧୨୦ ପ୍ରତିଯୋଗୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ଗୀତ, ନୃତ୍ୟ, ଅଭିନୟ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ଓ ମାନବ ସମ୍ବଳର ବିକାଶ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜେଣ୍ଡର କୋଅର୍ଡିନେଟର ମାନସ ସେଠ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲାପାଳ ଓ ଅନ୍ୟ ଅତିଥି ବୃନ୍ଦ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରୀଛାତ୍ରମାନେ ଆସନ୍ତା ୧୪, ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଶାଶ୍ୱତ କୁମାର ତ୍ରିପାଠୀ, ଚୌଧୁରୀ ବିଭାର ଓ ସୁରେଶ ରଥ ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ।

# ମଧୁସୂଦନ ମିଶ୍ର ସୋନପୁର ଆର୍‌ସିଏମ୍‌ଏସ୍ ସଭାପତି

ସୋନପୁର,୫।୧୦(ନି.ପ୍ର.)


ମଧୁସୂଦନ ମିଶ୍ର

ସୋନପୁର ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି ଲିଃ(ଆର୍‌ସିଏମ୍‌ଏସ୍) ପରିଚାଳନା ପରିଷଦ ସଭାପତିଭାବେ ବରିଷ୍ଠ ବିଜେଡି ନେତା ମଧୁସୂଦନ ମିଶ୍ର ଶନିବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ତଥା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସୋନପୁର ଲଳିତ ମାଝି ତାଙ୍କୁ ବିଜୟୀ ଘୋଷଣା କରିଛନ୍ତି। ବିଜୟୀ ହେବା ପରେ ମଧୁସୂଦନଙ୍କୁ ଆରସିଏମଏସ ସମ୍ପାଦକ ସୁରେଶ ଚନ୍ଦ୍ର ପୁରୋହିତ, ନିର୍ଦ୍ଦେଶକ ତଥା ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ନିର୍ଦ୍ଦେଶକ ଆନନ୍ଦ ବିହାରୀ ଶତପଥୀ ଓ ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସେ ସୋନପୁର ବ୍ଲକ ୧୦ ନମ୍ବର ଜୋନରୁ ନିର୍ଦ୍ଦେଶକଭାବେ ନିର୍ବାଚିତ ହୋଇଥିଲେ।

ସୋନପୁର ଆର୍‌ସିଏମ୍‌ଏସ୍ ସୋନପୁର ଓ ତରଭା ବ୍ଲକର ୨୨ଟି ପ୍ରାଥମିକ କୃଷି ସମବାୟ ସମିତ(ପାକ୍ସ)କୁ ନେଇ ଗଠିତ। ଆରସିଏମଏସର ମୋଟ ୧୫ଟି ଜୋନ୍‌ରୁ ପୂର୍ବରୁ ୧୨ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୩ଟି ଜୋନ୍‌ର ନିର୍ଦ୍ଦେଶକ ପାଇଁ ନିର୍ବାଚନ ହୋଇଥିଲା। ଆରସିଏମଏସର ମୋଟ ୧୫ଟି ଜୋନରୁ ବିଜେଡି ସମର୍ଥିତ ପ୍ରାର୍ଥୀ ୧୩ଟି ଜୋନରେ ବିଜୟ ଲାଭ କରିଥିବା ବେଳେ ବିରୋଧି ମାତ୍ର ୨ଟି ଜୋନରେ ବିଜୟ ଲାଭ କରିଥିଲେ। ପୂର୍ବରୁ ସୋନପୁର ବ୍ଲକ ଆମ୍ମା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ଦକ୍ଷତାର ସହ କାର୍ଯ୍ୟ କରିଥିବା ମଧୁସୂଦନ ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏହି ନିର୍ବାଚନରେ ବିଜୟ ଲାଭ ପାଇଁ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଆରସିଏମଏସର ସମସ୍ତ ନିର୍ଦ୍ଦେଶକଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସମୟର ଠିକ୍ ଉପଯୋଗ ସଫଳତା ଆଣିଦିଏ


ବୀରମହାରାଜପୁର କଲେଜରେ ନବୀନ ବରଣ ଉତ୍ସବରେ ମଞ୍ଚାସୀନ ଅତିଥି।

## ବୀରମହାରାଜପୁର କଲେଜରେ ନବୀନ ବରଣ ଉତ୍ସବ

ଅମରପାଲି,୫।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଶନିବାର ନବୀନ ବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବରେ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ନାମ ଲେଖାଇଥିବା ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମଚରଣ ସାହୁ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ କୁଞ୍ଜବନ ମେହେର, ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଯଜ୍ଞେଶ୍ୱର ବିଶି, ଇତିହାସ ବିଭାଗ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ, ଗଣିତ ଅଧ୍ୟାପିକା ସାଗରିକା ବିଶି, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମାଧବ ପଧାନ, ପଦାର୍ଥ ବିଜ୍ଞ୍ୟାନ ଅଧ୍ୟାପକ ପ୍ରେମାନନ୍ଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କଠିନ ପରିଶ୍ରମ, ସମୟର ସଦୁପଯୋଗ ଏବଂ ଶୃଙ୍ଖଳିତ ହୋଇ ଶିକ୍ଷା ଗ୍ରହଣ କଲେ ଛାତ୍ରୀଛାତ୍ରମାନେ ଭଲ ମଣିଷ ହୋଇ ପାରିବେ ବୋଲି ମଞ୍ଚାସୀନ ଅତିଥିମାନେ ମତ ପ୍ରକାଶ କରିଥିଲେ। ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା, ଅଧ୍ୟାପକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ସାଥୀ ସଂଘର ବୈଠକ

ଉଲୁଣ୍ଡା,୫।୧୧(ଡିଏନଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଡକିରାସ୍ଥିତ ଆତ୍ମା କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ କୃଷକ ସାଥୀ ସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କୁଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ସ୍ଥାନରୁ କୃଷକ ସାଥୀମାନେ ଯୋଗଦେଇଥିଲେ। କୃଷକ ସାଥୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ସଂଘକୁ କିପରି ସୁଦୃଢ କରାଯିବ ତାହା ଉପରେ ବିଚାର ବିମର୍ଷ କରାଯାଇଥିଲା। ସେମାନଙ୍କୁ ସରକାର ଅଣଦେଖା କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। କୃଷକ ସାଥି ମାନଙ୍କ ସାମାଜିକ ସୁରକ୍ଷା ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ଦାବି ସେମାନେ ବୈଠକରେ ଦାବି କରିଥିଲେ। ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଯୋରଦାର କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ସୁଧାଂଶୁ ଶେଖର ପର୍ଡିଆ, ବାଳକୃଷ୍ଣ ଦାଣ୍ଡିଆ, ଶ୍ୟାମ ସୁନ୍ଦର ସାହୁ, ମଧୁସୁଦନ ପର୍ଡିଆ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସୁବଳ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ବ୍ଲକସ୍ତରୀୟ ସୁରଭି ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଅମରପାଲି, ୫।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଟାଙ୍ଗରସାହି ୟୁପି ସ୍କୁଲରେ ବ୍ଲକସ୍ତରୀୟ ସୁରଭି ଓ କଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟବକ୍ତା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜୁନିଅର ଓ ସିନିଅର ବର୍ଗରେ ବିଭକ୍ତ କରି ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। ବ୍ଲକର ୧୬ଟି କ୍ଲଷ୍ଟରରୁ ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଏସ୍‌ଡିପିଓ ତୋଳାମଣୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

# ବୁରୋଘାଟ-ନୂଆଁପାଲିରେ ରାସ ଉତ୍ସବ


ନୂଆଁପାଲିରେ ରାସ ଉତ୍ସବରେ ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

ଅମରପାଲି,୫।୬(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ବୁରୋଘାଟ, ନୂଆଁପାଲି ଗାଁରେ କାର୍ତ୍ତିକ ମାସ ହବିଷ୍ୟାଳିମାନେ ହବିସାନ୍ନ କରିବା ସହିତ ରାସ ଉତ୍ସବ ପାଳନ କରିଛନ୍ତି। ଗ୍ରାମ ଜଗନ୍ନାଥ ମନ୍ଦିରରୁ ଶିଶୁ କନ୍ୟାମାନେ ଗୋପାଙ୍ଗନା ବେଶରେ ବାହାରି ନଗର କୀର୍ତ୍ତନ ସହିତ ରାଧାକୃଷ୍ଣ ପ୍ରତିମା ଧରି ଗ୍ରାମ ପରିକ୍ରମା କରିଥିଲେ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଗୋପାନାରୀଙ୍କ ସହ ରାସଲୀଳା ରଚିଥିଲେ। ସେହିପର୍ବକୁ ବୁରୋଘାଟ ନୂଆଁପାଲିରେ ଦୀର୍ଘବର୍ଷ ଧରି ପାଳନ କରି ଆସୁଛନ୍ତି ଗ୍ରାମବାସୀ। ଗୌନ୍ତିଆ ଶମ୍ଭୁ ମଲ୍ଲିକ, ପଙ୍କଜ ମେହେର ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ମହିଳା ସଂକୀର୍ତ୍ତନ୍ୟ ଦଳ ଗ୍ରାମ ପରିକ୍ରମା କରି ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ।

## ଯୁକ୍ତ ୩ ଓଡ଼ିଆ ବିଭାଗରେ ସ୍ୱାଗତ ସମାରୋହ

ଡୁଙ୍ଗୁରିପାଲି, ୫।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ୱାଗତ ସମାରୋହ ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିମନ୍ତ୍ରିତ ପ୍ରାକ୍ତନ ଛାତ୍ର ପ୍ରମୋଦ କୁମାର ସାହୁ ଛାତ୍ର ଜୀବନର ଅନୁଭୂତି ବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଶିନୀ କୁମାର ପର୍ଡିଆ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଟିକେଚାନ୍ଦ ବାଗ ଅତିଥି ପରିଚୟ, ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ବର୍ଷର ରିକି ମଟାରି, ସୀମା ପଟେଲ, କଲ୍ୟାଣୀ ମାଝି, ପିଙ୍କି ପଧାନ, ସିଦ୍ଧେଶର ସାହୁ, ତୃତୀୟ ବର୍ଷ ବିଦ୍ୟାର୍ଥୀ ବାଳମୁକୁନ୍ଦ ବେହେରା ପଦ୍ମିନୀ ଠେଲା ଅଭିଭାଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀ ମଧୁସ୍ମିତା ମାଝି ଓଡିଶୀ ନୃତ୍ୟ ଓ ସାହାଯାଦ ପାତ୍ର ମିକ୍ସ ନୃତ୍ୟ ପରିବେଷଣ କରିଥିଲେ।

# ମାହେଶ୍ୱରୀ ଜନ କଲ୍ୟାଣ ଯୁବକ ସଂଘର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଅମରପାଲି,୫।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାରେ ମାହେଶ୍ୱରୀ ଜନ କଲ୍ୟାଣ ଯୁବକ ସଂଘର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗଦୀଶ ପଧନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟ ଅତିଥି, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଅନୁସୟା ପ୍ରଧାନ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ, ପିତାମହୁଲ ସରପଞ୍ଚ ଆକସ୍ମିତା ବଡିଆ, ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, କମିରା ପିଇଓ ଗୌରାଙ୍ଗ ମହାପାତ୍ର, ସ୍ୱେଚ୍ଛାସେବୀ ସପନ ପଧାନ, କର୍ଣ୍ଣରାଜ ପଧାନ, ପ୍ରଦୀପ ବାଦୀ, ବୃନ୍ଦାବନ ଜଗଦଲା, ଅଶୋକ ପ୍ରଧାନ, ଶିକ୍ଷକ ରାଘବ ବିଶ୍ୱାଳ, ଗୌନ୍ତିଆ ଗଜେନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘ ସଦସ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ ଅଧା ରହିଗଲା ସପନ ମୋର ପରିବେଷଣ କରାଯାଇଥିଲା।

## ଦିଜସିରାରେ କଳାସୀ ଯାତ୍ରା

ଡୁଙ୍ଗୁରିପାଲି ୫।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରାରେ ଦୁଇ ଦିନ ଧରି ଚାଲିଥିବା କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଶିବ ମନ୍ଦିରରୁ ବରୁଆମାନଙ୍କୁ ବରଣ କରି ଅଣାଯାଇଥିଲା। ଶୁକ୍ରବାର ଏକାଦଶୀ ଦିନ ଗାଁ ମଝିରେ ଥିବା କଳାସୀ ମନ୍ଦିରରୁ ବରୁଆମାନଙ୍କୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଅଙ୍ଗନଦୀ କଳାସୀ ଯାତ୍ରା ପଡିଆକୁ ଅଣା ଯାଇଥିଲା। ସେଠାରେ ତୁଳସୀ ଚଉରା ବେଦୀରେ ପୂଜାର୍ଚ୍ଚନା କରାଯାଇଥିଲା। ପୁନର୍ବାର ରାତିରେ ବରୁଆମାନେ ଗ୍ରାମ ପରିକ୍ରମା କରି ଘରକୁ ଘର ଯାଇ ପୂଜା ପାଇଥିଲେ। କରୋନା ପରେ ଏହି ଯାତ୍ରା ଅନୁଷ୍ଠିତ ହୋଇ ଥିବାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା।

# ବୀରମହାରାଜପୁର କଲେଜରେ ଏନସିସି କ୍ୟାଡେଟ ଚୟନ


ଏନ୍‌ସିସି କ୍ୟାଡେଟ ଚୟନରେ ଏନସିସି ଛାତ୍ର ଓ ଅଧ୍ୟାପକ।

ଅମରପାଲି, ୫।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ପାଇଁ କ୍ୟାଡେଟ ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଉଚ୍ଚତା, ଓଜନ, ଦୌଡ଼, ସ୍ୱାସ୍ଥ୍ୟ ପରୀକ୍ଷା, ଲିଖିତ ଏବଂ ମୌଖିକ ପରୀକ୍ଷା କରାଯାଇଥିଲା। ବଲାଙ୍ଗୀର ଏନସିସି କମାଣ୍ଡିଂ ଅଫିସରଙ୍କ ତତ୍ତ୍ୱାବଧାନ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ଅନୁମତିକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏନସିସି ଅଫିସର କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ପରିଚାଳନା କରିଥିଲେ।

# ଯୁବାବର୍ଗ ଚାହିଁଲେ ଦେଶର ପରିବର୍ତ୍ତନ ସମ୍ଭବ

## ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା

ସୋନପୁର,୫।୧୧(ନି. ପ୍ର)

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଏସ୍‌ପି ଅମରେଶ ପଣ୍ଡା, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ଡଃ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦୁର୍ନୀତି ନିବାରଣ ବିଭାଗର ଇନ୍‌ସପେକ୍ଟର ତୁଷାରକାନ୍ତ ମହାପାତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଦୁର୍ନୀତି ଆମ ଦେଶର ପ୍ରଭୂତ କ୍ଷତି ସାଧନ କରୁଛି। ଏହି ବର୍ଷ ପାଇଁ ଥିବା ଥିମ ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ ଉପରେ ଅତିଥିମାନେ ନିଜ ମତ ରଖିଥିଲେ। ଏକ ସୁନ୍ଦର ଭବିଷ୍ୟତ ଗଢିବା ଗୁରୁ ଦାୟିତ୍ୱ ଯୁବ ସମାଜଙ୍କର। ଆମର ଶୁଦ୍ଧ ଓ ସ୍ୱଚ୍ଛ ଚରିତ୍ର ତଥା ଆତ୍ମଶୁଦ୍ଧି ହିଁ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସହାୟକ ହୋଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ଡ଼ିଆଇପିଆରଓ ଅଶିନୀ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା, ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ସଭାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ମିଶନ ଶକ୍ତି କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ସଂଗଠନ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତା କାର୍ଟୁନ ମେକିଂ କନିଷ୍ଠ ବର୍ଗରେ ସୌମ୍ୟରଞ୍ଜନ ପଧାନ, ଆୟୁଷ ମଲ୍ଲିକ, ଲିପ୍ସା ପୁଟେଲ ଏବଂ ବରିଷ୍ଠ ବର୍ଗରେ ଇପସ୍ମିତା ପାଣିଗ୍ରାହୀ, ବଂଶୀତା ସରାଫ, ଭରତ କୁମାର ସାହୁ, ତର୍କରେ ପ୍ରାଥମିକ ସ୍ତରରେ ଅର୍ଣ୍ଣବ ସାହୁ, ଶୁଭମ ମେହେର, ଅର୍ଚ୍ଚନା ମହାନ୍ତି, ଉଚ୍ଚ ବିଦ୍ୟାଳୟସ୍ତରରେ ଅନନ୍ୟା ଅଦୈତ ପୂଜାହାରୀ, ଲିପିକା ଖେତି, ଆଦ୍ୟାଶା ପଧାନ, ହାୟର ସେକଣ୍ଡାରୀ ସ୍ତରରେ ସ୍ପନ୍ଦନ ବିକାଶ ଘଡ଼େଇ, ସ୍ପନ୍ଦନ ପଟ୍ଟନାୟକ, ରୋଶନ ମେହେର୍ , କୁଇଜ ପ୍ରତିଯୋଗୀତାରେ ରିତୁଶ୍ରୀ ଭୋଇ, ଅର୍ଣ୍ଣବ ସାହୁ, ପ୍ରତ୍ୟାଶା ପଦ୍ମଜା ମିଶ୍ର ପୁରସ୍କୃତ ହୋଇଥିଲେ। ସେହିପରି ଜିଲା ଗ୍ରନ୍ଥାଳୟରେ ଅନୁଷ୍ଠିତ ଇଂରାଜୀ ବକ୍ତୃତା ପ୍ରତିଯୋଗୀତାରେ ସୌମ୍ୟରଞ୍ଜନ ମହାପାତ୍ର, ଗରୁଡ଼ଧ୍ୱଜ ପଧାନ, ସଦାଶିବ ସାହୁ ଏବଂ ଓଡିଆ ବକ୍ତୃତାରେ ଦିନେଶ କୁମାର ସାହୁ, ଶେଷଦେବ ଧରୁଆ ଓ ସୁଦେ ସୁନା ପୁରସ୍କୃତ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୬ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଜାମଟିକ୍ରା,୫ା୧୧(ଡି.ଏନ.ଏ.):** ଦୁର୍ନୀତି ସମାଜର ବ୍ୟାଧି ସଦୃଶ। ବିକାଶ ଓ ଉନ୍ନତିରେ ଏହା ବାଧକ ସାଜିଥାଏ। ତେଣୁ ପ୍ରତି ସ୍ତରରେ ଦୁର୍ନୀତିର ବିଲୋପ ଘଟିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ ବରଗଡ଼ ଜିଲା ଅତାବିରା କଲେଜରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ କଲେଜର ଛାତ୍ରୀଛାତ୍ରମାନେ ଏକ ସାଇକେଲ ଶୋଭାଯାତ୍ରା କରିଥିଲେ। ସେମାନେ କଲେଜରୁ ବାହାରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସଚେତନତା ସୃଷ୍ଟି କରିଥିଲେ। କଲେଜର ଅଧକ୍ଷ ଅଶ୍ୱିନୀ ପଧାନ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧାପକ ସତ୍ୟଜିତ ସାହୁ, ଗାୟତ୍ରୀ ପାଣ୍ଡିଆ, ବରଗଡ଼ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଲିସା ପଧାନ ଓ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

### ମାଗଣା ରକ୍ତ ପରୀକ୍ଷା ଶିବିର

**ସରଣ୍ଡା,୫ା୧୧(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ଗୋଲକନଗରଠାରେ ଲାୟନ୍ସ କ୍ଲବ ପକ୍ଷରୁ ଶନିବାର ମାଗଣା ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୬ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଲାୟନ୍ସ କ୍ଲବ ଗୋଡ଼ଭଗା ରୟାଲ ଓ ଗାୟତ୍ରୀ ହେଲ୍‌ଥ କେୟାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସମ୍ବଲପୁର ଏସ୍‌ପି ଅଫିସ୍‌ର ଏସ୍‌ଆଇ ଅଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ଶାନ୍ତନୁ ଭୁଏ, ତନୁଜା ଛତର, ଉଷା ସି, ସୁରଭି ବହିଦାର, ଅମୂଲ୍ୟ ସେଟ ଏବଂ ଅଞ୍ଜଳି ମେମ ଯୋଗଦେଇ ସମସ୍ତଙ୍କ ରକ୍ତ ପରୀକ୍ଷା କରଥିଲେ । କାର୍ଯକ୍ରମକୁ ଲାୟନ୍ସ କ୍ଲବ ସଭାପତି ସତୀଶ କୁମାର ଦାଶ, ସମ୍ପାଦକ ସାଇ ଆନନ୍ଦ ବିଶ୍ୱାଳ, ଆର୍‌ସି ମନୋଜ ଶର୍ମା, ଦେବବ୍ରତ ରଥ, ସୁଧୀର ଦାଶ, ଅମୃତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ସତୀଭଟାରେ ଚାଷୀଙ୍କ କ୍ଷେତ୍ର ଦିବସ

**ପଦ୍ମପୁର, ୫ା୧୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ସତୀଭଟା ଗ୍ରାମରେ କୃଷକ ଓ କୃଷି ବିଶେଷଜ୍ଞଙ୍କ ଉପସ୍ଥିତିରେ ଡିଏସ୍‌ଆର ଓଡିଶା ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଯୋଗଦାନ କରିଥିଲେ। ଖରୁଡି, ବଡୁରି ପାଗରେ ଯନ୍ତ୍ର ଚାଳିତ ଧାଡିବୁଣା ପଦ୍ଧତି ଅବଲମ୍ବନ କରି ଚାଷୀମାନେ କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ ବୋଲି ଜିଲା କୃଷି ଅଧିକାରୀ ଅମୀୟ ସାହୁ ଚାଷୀମାନଙ୍କୁ ବୁଝାଇଥିଲେ। ଏନ୍‌ସି ବଣିକ, ଅଜିତ ସାମଲ, ଶାନ୍ତନୁ ଦାଶ, ସୋମନାଥ ମହାପାତ୍ର ଯୋଗଦାନ କରି ଧାନ, ସାର, ବିହନ ଓ ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ। ବିଭୂତି ଭୂଷଣ ନାଏକ, ଲୋହିତ ସିଦ୍ଧାର, ହରିହର ବିଶି, ସୁନା ସାହୁ ସହଯୋଗ କରିଥିଲେ।

### ବାଉଁଶୁଣୀ ଛକରେ କେବେ ନିର୍ମାଣ ହେବ ବିଶ୍ରାମାଗାର

**ବାଉଁଶୁଣୀ,୫ା୧୧(ଡି.ଏନ.ଏ.):** ବୌଦ୍ଧ ଜିଲାର ବାଉଁଶୁଣୀ ବଜାର ଉପରେ ୧୦ ଗୋଟି ଗ୍ରାମ ପଞ୍ଚାୟତବାସୀ ନିର୍ଭର କରନ୍ତି । ବାଣିଜ୍ୟ କାରବାର ହେଉ କି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଏହା ଏକ ପେଣ୍ଠସ୍ଥଳୀ। ଏଣୁ ଦୀର୍ଘ ବର୍ଷ ହେଲା ବାଉଁଶୁଣୀ ଛକ ବସଷ୍ଟାଣ୍ଡଠାରେ ଏକ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି । କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ଫଳରେ ବଜାରକୁ ଆସୁଥିବା ଲୋକେ ଓ ବସକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାପାଳ ବାଉଁଶୁଣୀ ଅଞ୍ଚଳବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଏକ ଯାତ୍ରୀ ବିଶ୍ରାମାଗାର ସହ ଶୌଚାଳୟ ନିର୍ମାଣ ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି । ବାଉଁଶୁଣୀ ଛକ ନିକଟରେ ଅନେକ ସରକାରୀ ଜାଗା ରହିଛି । ସେଠାରୁ ଜବରଦଖଲ ଉଚ୍ଛେଦ କରାଗଲେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ସ୍ଥାନର ଅଭାବ ରହିବ ନାହିଁ । ସୂଚନାଯୋଗ୍ୟ, ବର୍ତ୍ତମାନ ବୌଦ୍ଧ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଉଁଶୁଣୀରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି ।

# ବୀମାରାଶି ପ୍ରସଙ୍ଗରେ ମୁହାଁମୁହିଁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

**ପଦ୍ମପୁର,ତା ୪ ୧୧(ଡିଏନଏ)**

ଆଗକୁ ପଦ୍ମପୁର ଉପନିର୍ବାଚନ ଥିବାରୁ ରାଜନୀତି ସରଗରମ ହୋଇପଡିଛି। ପଦ୍ମପୁର ଉପଖଣ୍ଡ ଚିର ମରୁଡ଼ି ପ୍ରପୀଡିତ ହୋଇଥିବାରୁ ଏଠାକାର ଚାଷୀ ବୀମାରାଶି ପାଇଲେ ଚାଷର କ୍ଷତିଭରଣା କରିଥାନ୍ତି। କିନ୍ତୁ ବର୍ତ୍ତମାନ ସେହି ବୀମାରାଶି ଚାଷୀଙ୍କୁ ମିଳୁ ନ ଥିବା ବେଳେ ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ପରସ୍ପରକୁ ଦୋଷାରୋପ କରୁଛନ୍ତି। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବହୁକୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ବେଳେ କୃଷି ବୀମାରାଶି ପ୍ରଦାନକୁ ନେଇ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ। ତେବେ ଏହାର ଜବାବ ଦେଇଛି ଭାଜପା। ଶୁକ୍ରବାର ପଦ୍ମପୁରଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳ କହିଛି, କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ରାଜ୍ୟ ସରକାର ଚାଷୀ ସମସ୍ୟାର ସମାଧାନ ପାଇଁ ଏସ୍‌ଟିଏସି ଗଠନ ନ କରି ନିଜ ମନ ମୁତାବକ ଏସ୍‌ଏଲ୍‌ଟିସି ନାମକ ଏକ କମିଟି ଗଠନ କରିଛନ୍ତି। ଯାହା ବୈଧ ବୋଲି କେନ୍ଦ୍ର ସରକାର ଚିଠି କରିଥିବା ସତ୍ତ୍ୱେ ରାଜ୍ୟ ସରକାର ଗାଇଡଲାଇନ ଓ ଚିଠିକୁ ଖାତିର ନ କରି ମନମାନି କରିବାରୁ ଚାଷୀ ବୀମାରାଶି ପାଇବାରୁ ଏପର୍ଯ୍ୟନ୍ତ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର କୁମ୍ଭୀର କାନ୍ଦଣା କରି ସମସ୍ତ ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିବା ପାଇଁ ମନ୍ତ୍ରୀଙ୍କୁ ପଠାଇ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରେଙ୍ଗାଲି ବିଧାୟକ ନାଉରି ନାଏକ, ପୂର୍ବତନ ବିଧାୟକ ରବି ନାଏକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜୁ ଘିବେଲା, ସନତ କୁମାର ଗଡତିଆ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତେଶ କୁମାର ବହିଦାର, ଗୋବର୍ଦ୍ଧନ ଭୁଏ, ନଗର ସଭାପତି ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ରତ୍ନମୁଦ ସ୍ଥାପନ ପାଇଁ କଳସ ଶୋଭାଯାତ୍ରା



ହନୁମାନ ମନ୍ଦିର ରତ୍ନମୁଦ ସ୍ଥାପନ ପାଇଁ କଳସ ଶୋଭାଯାତ୍ରା ।

**ବରଗଡ଼ ଅଫିସ୍,୫ା୧୧**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୧୪ ସୁବାଷ ନଗରରେ ନବନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ସ୍ଥାନୀୟ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସହର ଉପକଣ୍ଠ ଜିରା ନଦୀ ଅଭିମୁଖେ ଯାଇଥିଲେ। ଶୋଭାଯାତ୍ରାରେ ଦୁଲଦୁଲି ସମେତ ସାଂସ୍କୃତିକ ଦଳ ସାମିଲ ଥିଲେ। ସେମାନେ ଜିରା ନଦୀରୁ ଜଳପୂର୍ଣ୍ଣ କଳସ ଧରି ନବନିର୍ମିତ ହନୁମାନ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କଳସ ଶୋଭାଯାତ୍ରା ଥାନା ଛକ, କାଳୀ ମନ୍ଦିର ଛକ, ଏସ୍‌ପି ଅଫିସ ଛକ, ଗାନ୍ଧୀ ଛକ, ଘରୋଇ ବସ୍‌ଷ୍ଟାଣ୍ଡ ଦେଇ ହନୁମାନ ମନ୍ଦିରରେ ପହଞ୍ଚିଥିଲା। ଏହାପରେ ମହିଳାମାନେ ସେଠାରେ ଜଳପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ରବିବାର ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ ପୂର୍ବାହ୍ନ ୯ଟା ୨୦ମିନିଟରୁ ପୂଜାର୍ଚ୍ଚନା ଆରମ୍ଭ ହେବ। ଶ୍ରୀମନ୍ତ ମିଶ୍ର ଓ ଶ୍ରୀ ବୀଣାପାଣି କର୍ତ୍ତାକାର୍ଯ୍ୟ ନିର୍ବାହ କରୁଥିବାବେଳେ ପଣ୍ଡିତ ବିଶ୍ୱନାଥ ଶତପଥି ପୂଜାର୍ଚ୍ଚନା ଦାୟିତ୍ୱରେ ଅଛନ୍ତି। ପୂର୍ଣ୍ଣାହୂତି ପରେ ମଧ୍ୟାହ୍ନ ୧୨ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ସେହିପରି ଅପରାହ୍ନ ସାଢ଼େ ୩ଟାରୁ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି।

## ଆନ୍ଦୋଳନକୁ ଓହ୍ଲାଇଲେ ଶିକ୍ଷୟିତ୍ରୀ ଶିକ୍ଷକ



ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା ।

**ବରଗଡ଼ ଅଫିସ୍,୫ା୧୧**

ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ପକ୍ଷରୁ ୩ ଦଫା ଦାବି ନେଇ ଶନିବାର ଶୋଭାଯାତ୍ରା ସହିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସରକାର ତାକୁ ଅଣଦେଖା କରିଚାଲିଥିବା ଅଭିଯୋଗ ହୋଇଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଥିବା କହିଛନ୍ତି। ଚୁକ୍ତିଭିତ୍ତିକ ପ୍ରଥାକୁ ପ୍ରତ୍ୟାହାର ସହିତ ୬ବର୍ଷର ନିଯୁକ୍ତି ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ଇନକ୍ରିମେଣ୍ଟ ପ୍ରଦାନ ବ୍ୟବସ୍ଥା, ନୂତନ ପେନସନ ଯୋଜନା (ଏନ୍‌ପିଏସ୍) ପ୍ରତ୍ୟାହାର କରି ପୁରୁଣା ପେନସନ (ଓପିଏସ୍) ଲାଗୁ କରିବା, ଟି.ଆଇ ସ୍କେଲ ଅଫ୍ ପ୍ରଦାନ ବ୍ୟବସ୍ଥା ଦାବି ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା, ସଦସ୍ୟବୃନ୍ଦ ସ୍ଥାନୀୟ ଜର୍ଜ ହାଇସ୍କୁଲରୁ ଏକ ବିରାଟ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ଭରଦ୍ୱାଜ ପ୍ରଧାନ ଏହାର ନେତୃତ୍ୱ ନେଇଥିବାବେଳେ ବିରେନ୍ଦ୍ର କୁମାର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ଦୋରା, ସାର୍ତ୍ତିକ ସାହୁ, ପ୍ରଦୀପ କୁମାର ବିଶ୍ୱାଳ, ରଘୁନାଥ ପୁରୀ, ସତ୍ୟଶଙ୍କର ବିଶି, ରମେଶ ଚନ୍ଦ୍ର ନାୟକ, ପୃଥ୍ୱୀରାଜ ବାରିକ, ଲଳିତ ସୁନା, ଉପେନ୍ଦ୍ର ଖମାରୀ, ପ୍ରେମାନନ୍ଦ ସାହୁ, ରଶ୍ମିରଞ୍ଜନ ସାହୁ, ସ୍ୱରାଜ ସରାଫ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ମାତୃନିକେତନରେ ଶିଶୁ ମହୋତ୍ସବ

**ପାଇକମାଳ, ୫ା୧୧(ଡି.ଏନ.ଏ.)**

ବରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କସ୍ତୁରବା ଗାନ୍ଧୀ ମାତୃନିକେତନ ଶିଶୁଯତ୍ନ କେନ୍ଦ୍ରରେ ଶନିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁଙ୍କ ପ୍ରତିଭା ଜାଗରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପିଲାଙ୍କ ମଧ୍ୟରେ ଦଳଗତ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ଓ ଜଣାଅଜଣା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାର ଦୁଇଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ଯୋଗଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ମୁଖ୍ୟ ଅତିଥି, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଯତ୍ନ ଅଧିକାରୀ ସୁରେନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାତ ଚାଲାନ, ମମତା ମେହେର, ଅନିତା ଛତର ସହଯୋଗ କରିଥିଲେ। ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧାପକ ସୁବାସ ଚନ୍ଦ୍ର ପ୍ରଧାନ, ଦେବରାଜ ପ୍ରଧାନ, ଅଧାପିକା ମଧୁସ୍ମିତା ପ୍ରଧାନ, ସବିତା ଭୋଇ, ପ୍ରଶାନ୍ତ ସାହୁ, ଫିରୋଜ ସାହୁ, ସଂସ୍କୃତ ବିଦ୍ୟାନିକେତନର ପ୍ରମୋଦ ପ୍ରଧାନ, ଅଞ୍ଜଳୀ ପ୍ରଧାନ, ନଗେନ୍ଦ୍ର ପାଣିଗ୍ରାହୀ, ପ୍ରେମରାଜ ପାଣିଗ୍ରାହୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ନିର୍ମଳ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ବଡ଼ କରିବା ଜରୁରୀ





କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

**ବୌଦ୍ଧ,୫ା୧୧ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଶନିବାର ଦିନ ଟାଉନ୍‌ହଲସ୍ଥିତ ଗୁରୁ ଭିକାରୀ ନାୟକ କଳାମଣ୍ଡପଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉଦଯାପିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ସୁରଭି କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ , ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁଯୋଗ ମିଳିଥାଏ ବୋଲି ପ୍ରକାଶ କରିଥିଲେ। ବ୍ୟକ୍ତିଗତ ଜୀବନରେ ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଶିଶୁ କାଲିର ଭବଷ୍ୟତ । ତେଣୁ ଛାତ୍ରୀଛାତ୍ରମାନେ ନିଜର ସ୍ୱପ୍ନ ଓ ଲକ୍ଷ୍ୟକୁ ବଡ କରନ୍ତୁ । ଯେଉଁମାନେ ଜୀବନର ଅପରାହ୍ନରେ ପହଞ୍ଚି ସାରିଲେଣି ସେମାନେ ଶିଶୁମାନଙ୍କ ପଥ ପ୍ରଦର୍ଶକ ସାଜି ସେମାନଙ୍କୁ ସଫଳ ମଣିଷ ହେବାରେ ସହାୟକ ହେବାକୁ ଜିଲାପାଳ ସାହୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ପ୍ରତ୍ୟେକ ପିଲା ପ୍ରତିଦିନ ପଢିବା ଅଭ୍ୟାସ କରିବା ସହିତ ଜିଲା ପାଠାଗାରକୁ ଯାଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଓ ବିଫଳତାରେ ନିରାଶ ନ ହୋଇ ସଫଳତା ପାଇଁ ଆତ୍ମବିଶ୍ୱାସୀ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗିତାକାନ୍ତି ବଳିୟାରସିଂହ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦଳଗତ ଭାବରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲା। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ସମେତ ୨୬ ଗୋଟି ବିଦ୍ୟାଳୟକୁ ସ୍ୱଚ୍ଛତା ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝି ଧନ୍ୟବାଦ ଦେଇଥିଲେ।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

## ବିଦ୍ୟାଳୟକୁ ନ ଯାଇ ଶୋଭାଯାତ୍ରା କଲେ ଛାତ୍ରୀଛାତ୍ର

- ପଞ୍ଚମ ଦିନରେ କ୍ରଶର ବନ୍ଦ ନେଇ ଧାରଣା
- ତହସିଲଦାରଙ୍କୁ ଦେଲେ ଦାବିପତ୍ର

**ବୌଦ୍ଧ,୫ା୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ବନ୍ଦ ଥିବା କ୍ରଶର ଓ ପଥର କ୍ୱାରି ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍ପତ୍ତି ପ୍ରତିବାଦରେ ୫ ଦିନ ହେଲା ଗ୍ରାମବାସୀ ସରାଡିଖୋଲ ରାସ୍ତାରେ ଧାରଣାରେ ବସିଛନ୍ତି । ଶନିବାର ଥିଲା ଧାରଣାର ପଞ୍ଚମ ଦିନ । ଗ୍ରାମର ପୁରୁଷ ଓ ମହିଳାମାନେ ଧାରଣାରେ ବସି ରହିଥିବା ବେଳେ ବିଦ୍ୟାଳୟକୁ ନ ଯାଇ ଗ୍ରାମର ଛାତ୍ରୀଛାତ୍ରମାନେ ଏକ ବିରାଟ ଶୋଭଯାତ୍ରାରେ ଯାଇ ହରଭଙ୍ଗା ତହସିଲଦାରଙ୍କୁ କ୍ରଶର ଓ ପଥର କ୍ୱାରି ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଛାତ୍ରୀଛାତ୍ର ଦୀର୍ଘ ୧୫ କିମି ଦୂର ହରଭଙ୍ଗା ତହସିଲ ଥିବା ଚାରିଛକକୁ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରମାନେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ନାରା ଦେଇ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ ଓ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଶନିବାର ଧାରଣାସ୍ଥଳକୁ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଓ ମଣ୍ଡଳ ସଭାପତି ତପନ ଡାଙ୍ଗ ଯାଇ ଗ୍ରାମବାସୀଙ୍କୁ ସମର୍ଥନ ଜଣାଇବା ସହ ସୁନ୍ଦର ପରିବେଶକୁ ପ୍ରଶାସନ ନଷ୍ଟ କରୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଛାତ୍ରୀଛାତ୍ରମାନେ ତହସିଲଦାରଙ୍କୁ ଦାବିପତ୍ର ଦେଇ ଆସିବା ପରେ ଉପଜିଲାପାଳ ସତନ କୁମାର ନାଏକ ଓ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର ଧାରଣାସ୍ଥଳକୁ ଯାଇ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବାକୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ କ୍ରଶର ଚାଲୁ ନିଷ୍ପତ୍ତି ପ୍ରତ୍ୟାହର କରିବା ନେଇ ଘୋଷଣା କରିବାକୁ ଦାବି କରିଥିଲେ । ଏହି ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଗ୍ରାମ କମିଟି ସଭାପତି ଅକ୍ଷୟ ନାଏକ, ବୃନ୍ଦାବନ ଦେହୁରୀ, ହୃଦାନନ୍ଦ ଦେହୁରୀ ,ରଞ୍ଜନ ବର୍ଗତ୍ତୀ, ସୃକୃତା ଭୋଇ ଓ ତିଲୋତମା କହଁର ଚେତାବନୀ ଦେଇଛନ୍ତି ।



କ୍ରଶର ଓ ପଥରକ୍ୱାରି ଚାଲୁ ନିଷ୍ପତ୍ତି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ।

# ପ୍ରାଥମିକ ଶିକ୍ଷକ ସଂଘର ବିକ୍ଷୋଭ

**ସୋନପୁର,୫ା୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ଜିଲା ସଦର ମହକୁମା ସୋନପୁରରେ ରାଲି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରୟାଲ ପଡିଆରୁ ଶତାଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏକ ରାଲିରେ ସହର ପରିକ୍ରମା କରିଥିଲେ। ସରକାର ଶିକ୍ଷକଙ୍କ ନାର୍ଯ୍ୟ ଦାବି ପ୍ରତି ଅଣଦେଖା କରୁଥିବାରୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ୨୦୦୧ରୁ ନିଯୁକ୍ତ ସମସ୍ତ ଶିକ୍ଷା ସହାୟକ/କନିଷ୍ଠ ଶିକ୍ଷକମାନଙ୍କ ୬ରୁ ୮ ବର୍ଷ ଠିକାରେ କାମ କରିଥିବା ଅବଧିକୁ ନିୟମିତ କରି ଇନକ୍ରିମେଣ୍ଟ ପ୍ରଦାନ, ୨୮୦୦ ଗ୍ରେଡ ପେ ପ୍ରଦାନ, ପୁରୁଣା ପେନସନ ଯୋଜନା ପୁନର୍ବାର ଲାଗୁ କରିବା, ଏକ୍ସ କ୍ୟାଡର ଗଣଶିକ୍ଷକଙ୍କୁ ନିୟମିତ ପ୍ରାଥମିକ ଶିକ୍ଷକ ମାନ୍ୟତା ଓ ଶିକ୍ଷା ସହାୟକ ଅବଧିକୁ ନିୟମିତ ଶିକ୍ଷକ ରୂପେ ଗଣନା କରିବା ଦାବି ନେଇ ପ୍ରାଥମିକ ଶିକ୍ଷକ ସଂଘ ଏହି ଆନ୍ଦୋଳନ କରିଥିଲା। ଏହି ଅବସରରେ ସଂଘ ପକ୍ଷରୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ ଆନ୍ଦୋଳନସ୍ଥଳକୁ ଆସି ସ୍ମାରକପତ୍ର ଗ୍ରହଣ କରିଥିଲେ। ଏହି ଆନ୍ଦୋଳନକୁ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର, ଶିକ୍ଷକ ନେତା ପ୍ରଦୀପ ପୁରୋହିତ, ଅବସରପ୍ରାପ୍ତ ପ୍ରାଧାପକ ଡ. ଜ୍ୟୋତି ରଞ୍ଜନ ବହିଦାର, କର୍ମଚାରୀ ସଂଘ ନେତା ଜ୍ୟୋତି ପଟ୍ଟନାୟକ ପ୍ରମୁଖ ସମର୍ଥନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଦାମୋଦର ପଣ୍ଡା, ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ମିଶ୍ର, ଏଲିମେଣ୍ଟାରୀ ଶିକ୍ଷକ ସଂଘ ସଭାପତି ସୁଦାମ ନାଏକ, ବିଇଡି ସଂଘ ସଭାପତି ବ୍ରତାନନ୍ଦ ଭୋଇ, ଏକ୍ସ କେଡର ସଂଘର ସଭାପତି ସଞ୍ଜିବ୍ ମିଶ୍ର ଓ ଏଲିମେଣ୍ଟାରୀ ବିଇଡି ସଂଘର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଅମ୍ବୁଜ ବିହାରୀ ଶତପଥୀ, ଉମାକାନ୍ତ ମିଶ୍ର, ବିଜୟ ପୁରୋହିତ, ପ୍ରହଲ୍ଲାଦ ଚୌହାନ, ଜ୍ୟୋତି ସାହୁ, ଦିଲ୍ଲିପ କୁମାର ପ୍ରଧାନ, ପ୍ରମୋଦ ବାରିକ, କାର୍ତ୍ତିକ ସାହୁ ଓମପ୍ରକାଶ ପୂଝାରୀ, ବିଶ୍ୱଜିତ ଆଚାର୍ଯ୍ୟ, ବୁଦ୍ଧଦେବ ସା ଓ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।


**FORM A**
**PUBLIC ANNOUNCEMENT**

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF MAA MANASHA DEVI ALLOYS PRIVATE LTD**

| RELEVANT PARTICULARS | | |
|---|---|---|
| 1. | Name of the Corporate Debtor | MAA MANASHA DEVI ALLOYS PRIVATE LTD. |
| 2. | Date of incorporation of corporate debtor | 23/09/2005. |
| 3. | Authority under which corporate debtor is incorporated / registered | ROC, Cuttack |
| 4. | Corporate Identity No. / Limited Liability Identification No. of corporate debtor | U27101OR2005PTC8365. |
| 5. | Address of the registered office and principal office (if any) of corporate debtor | PLOT NO-783(D), Bhubaneswar-751015 (Odisha) |
| 6. | Insolvency commencement date in respect of corporate debtor | 31-10-2022. |
| 7. | Estimated date of closure of insolvency resolution process | 26.04.2023. |
| 8. | Name and registration number of the insolvency professional acting as interim resolution professional | CMA (Dr) Suresh Chandra Mohanty, IBBI/IPA-003/IP-N00335-CO1/2019-2020/12804 |
| 9. | Address and e-mail of the interim resolution professional, as registered with the Board | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 10. | Address and e-mail to be used for correspondence with the interim resolution professional | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 11. | Last date for submission of claims | 14-11-2022. |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Operational Creditors. |
| 13. | Names of Insolvency Professionals identified to act as Authorized Representative of creditors in a class (Three names for each class) | N .A |
| 14. | (a) Relevant Forms and (b) Details of authorized representatives are available at: | Web link:www.ibbi.gov.in/downloadform.html..... Physical Address: As stated at SL No 10. |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **MAA MANASHA DEVI ALLOYS PRIVATE LTD** on 31-10-2022.

The creditors of **MAA MANASHA DEVI ALLOYS PRIVATE LTD** are hereby called upon to submit their claims with proof on or before 14-11-2022 to the interim resolution professional at the address mentioned against entry No. 10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class,as listed against the entry No. 12, shall indicate its choice of authorized representative from among the three insolvency professionals listed against entry No.13 to act as authorized representative of the class [specify class] in Form CA.

Submission of false or misleading proofs of claim shall attract penalties.

**(CMA (Dr) Suresh Chandra Mohanty )**
Name and Signature of Interim Resolution Professional :
Date : 04-11-2022
Place : Bhubaneswar : :

## ପ୍ରଶାସନ ପେଟ୍ରୋଲ ପମ୍ପ ସିଲ୍

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦ ଅନ୍ତର୍ଗତ ହାଟପଦା ପଡ଼ାଠାରେ ଥିବା ଜେପି ପେଟ୍ରୋଲ ପମ୍ପକୁ ସ୍ଥାନୀୟ ପ୍ରଶାସନ ଶନିବାର ସିଲ୍ କରିଛି। ଏହି ପେଟ୍ରୋଲ ପମ୍ପର ଟ୍ରେଡ ଲାଇସେନ୍ସ ନଥିବା ବେଳେ ଅନ୍ୟାନ୍ୟ କାଗଜ ପତ୍ରରେ ତ୍ରୁଟି ଥିବା ରିଲକ୍ଷିତ ହୋଇଥିଲା। ଏପରିକି ପେଟ୍ରୋଲ ପମ୍ପ ପରିସରରେ ଶୌଚାଳୟ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଚଢ଼ଉ ସମୟରେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ତହସିଲଦାର ପ୍ରେମଲାଲ ହିଆଲ, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ପୌର ପରିଷଦ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମ୍ୟୁନିସିପାଲିଟି କଲୋନୀ ପୁରୁଣା ଘର ଛାତ ଖସି ମା' ଝିଅ ଗୁରୁତର



ମ୍ୟୁନିସିପାଲିଟି ପୁରୁଣା ଘର ଛାତରୁ ପ୍ଲାଷ୍ଟର ଖସିଯାଇଛି।

**ବଲାଙ୍ଗୀର ଅଫିସ, ୫।୧୧:** ବଲାଙ୍ଗୀର ସହର ରୁଗୁଡିପଡା ମ୍ୟୁନିସିପାଲିଟି କଲୋନୀର ଏକ ବହୁ ପୁରୁଣା ଘର ଛାତରୁ ସିମେଣ୍ଟ ଅତଡା ଖସି ମା' ଝିଅ ଗୁରୁତର ହୋଇଛନ୍ତି। ଶୁକ୍ରବାର ରାତିରେ ଏହି ଘଟଣ ଘଟିଥିଲା। ଏଥିରେ ଅବସରପ୍ରାପ୍ତ ମ୍ୟୁନିସିପାଲିଟି କର୍ମଚାରୀ ଗାୟତ୍ରୀ କୁମ୍ଭାର ଏବଂ ତାଙ୍କ ଝିଅ ଆରତୀ କୁମ୍ଭାର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଗାୟତ୍ରୀଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ରୁଗୁଡିପଡା ମ୍ୟୁନିସିପାଲିଟି କଲୋନୀରେ ଥିବା ଘରଗୁଡିକୁ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବିପଦସଙ୍କୁଳ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ସେଠାରେ କେତେକ ଅବସରପ୍ରାପ୍ତ ପୌର କର୍ମଚାରୀ ପରିବାରବର୍ଗ ସହ ରହୁଛନ୍ତି। ଦୀର୍ଘବର୍ଷ ହେବ ଏହି ଘରଗୁଡିକ ମରାମତି କରାଯାଇନାହିଁ। ମ୍ୟୁନିସିପାଲିଟି ପକ୍ଷରୁ ଏହି ଘର ଗୁଡିକୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲେ ମଧ ସେଗୁଡିକୁ ଭଙ୍ଗାଯାଇନାହିଁ। ଶୁକ୍ରବାର ରାତିରେ ଗାୟତ୍ରୀଙ୍କ ଘରକୁ ତାଙ୍କ ଝିଅ ଆରତୀ ଯାଇଥିଲେ। ସେଠାରେ ରହୁଥିବା ତାଙ୍କ ମା ସହ କଥା ହେଉଥିବାବେଳେ ହଠାତ୍ ଘର ସିମେଣ୍ଟ ଛାତ ଖସିପଡିଥିଲା। ଚିତ୍କାର ଶୁଣି ଆଖପାଖ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ମ୍ୟୁନିସିପାଲିଟି ଅଧିକାରୀ ସାମିରେଡ୍ଡି ଜୟଶ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ରିଂ ହେବାସତ୍ତ୍ୱେ ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନ ଦେଖାଯାଇଥିଲା।

### ନୃସିଂହନାଥରେ ନାମ ସଂକୀର୍ତ୍ତନ

**ପାଇକମାଳ, ୫।୧୧(ଡି.ଏନ.ଏ.):** ପଞ୍ଚୁକ ଅବସରରେ ବରଗଡ ଜିଲା ପାଇକମାଳ ନୃସିଂହନାଥ ପୀଠରେ ରାଧାରାଣୀ ସଂକୀର୍ତ୍ତନ ମଣ୍ଡଳୀ ଖଜୁରଟିକ୍ରା ଆନୁକୂଲ୍ୟରେ ଶନିବାର ନାମ ସଂକୀର୍ତ୍ତନ ପରିବେଷଣ କରିଛନ୍ତି। ପୁଷ୍ପାଞ୍ଜଳି ଗଣତାଜ ଓ ସଞ୍ଜୀବ ଗଣତାଜଙ୍କ ତତ୍ତ୍ୱାବଧାନରେ କଲ୍ୟାଣୀ ପ୍ରଧାନ, ଶକୁନ୍ତଳା ମହାରଣା, କମଳିନୀ ବେହେରା, ସଂଯୁକ୍ତା ପ୍ରଧାନ, ରାମଚନ୍ଦ୍ର ସାହୁ, ସଦାନନ୍ଦ, ସୌମିତ୍ରୀ, ମୁନା ପଣ୍ଡା, ହେମନ୍ତ ଦାସ ସହଯୋଗ କରିଥିଲେ।

### ସୁରଭିରେ ୧୫ କ୍ଲଷ୍ଟର ପ୍ରତିଯୋଗୀ

**ପାଇକମାଳ, ୫।୧୧(ଡି.ଏନ.ଏ.):** ପାଇକମାଳ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୫ଟି କ୍ଲଷ୍ଟରରୁ ବିଭିନ୍ନ ବିଭାଗ ପାଇଁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ଭାବନା ସିଂ ମୁଖ୍ୟ ଅତିଥି, ଜବାହାର ନବୋଦୟ ବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା, ପାଇକମାଳ ବିଡିଓ ସୁରେନ୍ଦ୍ର ନାଥ ସାହୁ, ତହସିଲଦାର ଅକ୍ଷୟ କୁମାର ବାଘ, ଅତିରିକ୍ତ ତହସିଲଦାର ପ୍ରତାପ ପୂଝାରୀ, ଗୌତମ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡାମଣି ବାରିକ ସଭା ପରିଚାଳନା କରିଥିଲେ। ବାଳକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏବିଇଓ ଶିବପ୍ରସାଦ ଯୋଶୀ ବିବରଣୀ ପଠନ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ବିଚାରକ ଭାବେ ଝାରବନ୍ଧ ବ୍ଲକ ର ୧୦ ଜଣ ଶିକ୍ଷକ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସିଆରସିସି ରାଧାକୃଷ୍ଣ ସାହା, ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଦୟାନିଧି କୈବର୍ତ୍ତ, ଶ୍ରେଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଶ୍ରେଷ୍ଠ ଛାତ୍ର ରାମେଶ୍ୱର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଚେତନତା ଦୁର୍ନୀତି ନିବାରଣର ବାଟ

ବଲାଙ୍ଗୀର ଅଫିସ, ୫।୧୧

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ପତିତପାବନ ଏକାଡେମୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ବଲାଙ୍ଗୀର ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀ ହଲରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷର ବାର୍ତ୍ତା ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ ଉପରେ ସଭାରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ଜନସାଧାରଣ ନିଜ ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହେଲେ ଦୁର୍ନୀତି ରୋକାଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର ନାଏକ ସମାଜରୁ ଦୁର୍ନୀତି ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ଏବଂ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଭିଜିଲାନ୍ସ ଡ଼ିଏସପି ପୁଲସ୍ତି ଛତ୍ରିଆ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ କହିଥିଲେ। ଦୁର୍ନୀତି ନିବାରଣ ଦିଗରେ ବଲାଙ୍ଗୀର ଶାଖା ପକ୍ଷରୁ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ସୂଚନା ଦେଇଥିଲେ। ବଲାଙ୍ଗୀର ଦୁର୍ନୀତି ନିବାରଣ ବିଭାଗ ଶାଖା ଚଳିତବର୍ଷ ରାଜ୍ଯ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୨ ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ ହୋଇଥିବା ସଭାରେ ସୂଚନା ଦିଆଯାଇଥିଲା। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଏବଂ ଇଂରାଜୀ ଭାଷାରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମେ ବ୍ଲକ ଓ ମ୍ୟୁନିସିପାଲିଟି ତଥା ଏନଏସିସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ ଶୀର୍ଷକ ବିଷୟବସ୍ତୁରେ ଜିଲା ସ୍ତରୀୟ ଓଡିଆ ଏବଂ ଇଂଲିଶ ଭାଷାରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସଭା ସଂଯୋଜନା କରିଥିଲେ। ପତିତ ପାବନ ଏକାଡେମୀ ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ ଧନ୍ୟବାଦ ଦେଇଥିଲେ। ସଭାରେ ନାଗରିକ କମିଟି, ବରିଷ୍ଠ ନାଗରିକ ଫୋରମ କମକର୍ତ୍ତା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସରକାରୀ ଅଧିକାରୀଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗୀର ଶାଖା କର୍ମଚାରୀ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ




କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ନୂଆପଡ଼ା ଅଫିସ୍,୫।୧୧

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଶନିବାର ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ନୂଆପଡ଼ା ଶାଖା ପକ୍ଷରୁ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଏନ୍‌ସିସି ଛାତ୍ରୀଛାତ୍ର, ଯୁବ ଅନୁଷ୍ଠାନ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବିଭିନ୍ନ ବିଭାଗର କର୍ମଚାରୀ ଓ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ବାହାରି ଦୁର୍ନୀତିମୁକ୍ତ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର କରିକ୍ରମା କରିଥିଲା। ଜିଲାପାଳଙ୍କ ସଦଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଉପ–ଆରକ୍ଷୀ ଅଧୀକ୍ଷକ ଦୀନବନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟ ଅତିଥି, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନ୍ୟାଶନାଲ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟାପକ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ସଦର ତହସିଲଦାର ଦେବେନ୍ଦ୍ର ରାଉତ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଜିଲା ମଙ୍ଗଳ ଅଧିକାରୀ ନନ୍ଦକିଶୋର ତାଣ୍ଡି, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ବିଭୁଦତ୍ତ ମିଶ୍ର ପରିଚାଳନା କରିଥିଲେ। ୩୧ ଅକ୍ଟୋବରରୁ ୬ ନଭେମ୍ବର ପର୍ଯ୍ୟନ୍ତ ଚାଲିଥିବା ଏହି ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଜିଲାର ବିଦ୍ୟାଳୟମାନଙ୍କରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରବନ୍ଧ, ବକ୍ତୃତା ଓ ବ୍ୟଙ୍ଗଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଲୋଇସିଂହା,୫।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରରେ ୨ ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଛି। ୭ ଜଣ ଗୁରୁତର କିଡନୀ ରୋଗୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଭାଲୁପାଲି ପ୍ରହର ମଣ୍ଡପରେ ବଲାଙ୍ଗୀର ସଚେତନ ମହିଳା ମଞ୍ଚ ଏବଂ ସୌମ୍ୟସେବା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ପଞ୍ଜୀକୃତ ୨ଶହ ଜଣଙ୍କ ମଧ୍ୟରୁ ୪୦ଜଣ କିଡନୀ ରୋଗୀଥିଲେ। ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଭେଷଜ ବିଶେଷଜ୍ଞ ଡା.ଦେଶବନ୍ଧୁ ବେହେରା ଓ ଡା .ମାଧବ ନାଏକ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୪୦ କିଡନୀ ରୋଗଙ୍କ ମଧ୍ୟରୁ ଗୁରୁତର ଥିବା ୭ ଜଣଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ରେଫର କରାଯାଇଛି। ମେଡିକାଲର ପାରା ମେଡିକାଲ ଷ୍ଟାଫଙ୍କ ସହ ସଚେତନ ମହିଳା ମଞ୍ଚର ସାଗରିକା ଗୁରୁ, ନିହାରିକା ମିଶ୍ର, ପ୍ରମିଳା ମିଶ୍ର, ଅଙ୍ଗନୱାଡି କର୍ମୀ ମଞ୍ଜୁଲତା ନାୟକ, ଆଶାକର୍ମୀ ସନ୍ତୋଷିନୀ ଛତ୍ରିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସ୍ୱପ୍ନା



@ ବିଜୟ



@ ସୁଜ୍ଞାନ



@ ସୁରେନ୍ଦ୍ର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ନୀତି ନିବାରଣ ସପ୍ତାହରେ ଗଣଦୌଡ଼

ଦେଓଗାଁ, ୫।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨କଲେଜରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ସଭା ଓ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନା, ଅଧକ୍ଷ ବସନ୍ତ ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଗୋବିନ୍ଦ ମେହେର, ସମ୍ମାନୀତ ଅତିଥି ଧୋବାଇ ଚରଣ ପଟେଲ ଯୋଗଦେଇଥିଲେ। ଏଥିପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ ଇଂଲିଶ ଓ ଓଡିଆ ତର୍କ ପ୍ରତିଯୋଗିତା ସହ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣଦୌଡରେ ଛାତ୍ରୀଛାତ୍ରୀ, ଅଧ୍ୟାପକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି, ପ୍ରଦୀପ ମହାନ୍ତ, ଡିଇଓ ବାଳଶଙ୍କର ମେହେର, ଜୟହିନ୍ଦ ଛତ୍ରିଆ, ଅବନୀ ରଞ୍ଜନ ସିଂ ନିନା, ଶିବ ମେହେର, ତ୍ରିଶୁଳ ସୁନା, ପବିତ୍ର ମେହେର ସହଯୋଗ କରିଥିଲେ।



ଦୁର୍ନୀତି ନିବାରଣ ସଚେତନତା ଅବସରରେ ସାମୂହିକ ଶପଥ ପାଠ।

## ବୈଷୟିକ ପରାମର୍ଶ କମିଟି ଗଠିତ

ଦେଓଗାଁ, ୫।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ମରାମର୍ଶକେନ୍ଦ୍ରରେ ଶନିବାର ବ୍ଲକ ବୈଷୟିକ ପରାମର୍ଶ କମିଟି ଓ ବ୍ଲକ ସ୍ତରୀୟ ଅଗ୍ରଣୀ ଚାଷୀ କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ତଥା ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ବୈଷୟିକ ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ମତ ରଖିଥିଲେ। ଏହାସହ ରବିଚାଷ ପାଇଁ ଯୋଜନା କରାଯାଇଥିଲା। ଏହି ଅବସରରେ ଆତ୍ମା ତରଫରୁ ୧୧ଟି ମହିଳା ସ୍ୱଂୟ ସହାୟକ ଦଳକୁ ସିଡମନି ଆକାରରେ ୧୦ହଜାର ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଆତ୍ମା ଅଧକ୍ଷ ଗୋବିନ୍ଦ ଦାଶ ଯୋଗଦେଇ ଚେକ୍ ବଣ୍ଟନ କରିଥିଲେ। ଏ ଅବସରରେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ କ୍ରପ ୱାଟର ବଜେଟ, ଜଳ ପରିଚାଳନା, ଖେଳ ତଥା ନିରନ୍ତର କୃଷି ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ କୃଷି ବିଭାଗ ଯନ୍ତ୍ରୀ ଅଙ୍କିତା ପୁରୋହିତ, ଉଦ୍ୟାନ ବିଭାଗ ଅଧିକାରୀ ପ୍ରଜେତା ପୁରୋହିତ, ବିପସି ଭକ୍ତିଭୂଷଣ ପଣ୍ଡା, ମତ୍ସ୍ୟ ଅଧିକାରୀ ପ୍ରିୟବ୍ରତ କୁମୁରା, ଉଠଜଳସେଚନ ବିଭାଗ ଯନ୍ତ୍ରୀ, ପ୍ରାଣୀଧନ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ କମିଟି ସଦସ୍ୟ।

# ଶୋଷଣ ବିରୋଧରେ ସଂଗ୍ରାମ ଜାରି ରହିବ

ବଲାଙ୍ଗୀର ଅଫିସ, ୫।୧୧



ଏଆଇଟିୟୁସିର ୧୦୩ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଚତୁର୍ଥ ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

### ଏଆଇଟିୟୁସିର ୧୦୩ ବର୍ଷ ପୂର୍ତ୍ତି ଉତ୍ସବ, ଚତୁର୍ଥ ଜିଲା ସମ୍ମିଳନୀ

ଟ୍ରେଡ୍ ୟୁନିୟନ ସଙ୍ଗଠନ ଏଆଇଟିୟୁସିର ୧୦୩ ବର୍ଷ ପୂର୍ତ୍ତି ଏବଂ ଚତୁର୍ଥ ବଲାଙ୍ଗୀର ଜିଲା ସମ୍ମିଳନୀ ଶନିବାର ସ୍ଥାନୀୟ ଗୋୟଲ ଧର୍ମଶାଳାରେ ଅନୁଷ୍ଠିତ ହୋଇଥିଲା। ବିଭୁଦତ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ପରିଷଦ ସଦସ୍ୟ ଜୟନ୍ତ ଦାସ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସଭାରେ ସେ ବକ୍ତବ୍ୟ ରଖି ଗତ ୮ ବର୍ଷ ଧରି ଚାଲିଥିବା ସରକାରୀ ବିଫଳତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ହିଂସା, ଶ୍ରମିକ ଶୋଷଣ, ଦରବୃଦ୍ଧି ଓ କମ୍ପାନୀରାଜର କଳା ଶାସନରେ ସାଧାରଣ ମଣିଷ କିଭଳି ଅଣନିଶ୍ୱାସୀ ହୋଇପଡିଲାଣି କହିଥିଲେ। ବର୍ଷକୁ ୨ କୋଟି କର୍ମ ନିଯୁକ୍ତି, ବିଦେଶରୁ କଳାଧନ ଆଣିବା ପ୍ରସଙ୍ଗରେ ସେ କଡା ସମାଲୋଚନା କରିଥିଲେ। ଶ୍ରମିକ ଶୋଷଣ ବିରୋଧରେ ସଙ୍ଗଠନ ପକ୍ଷରୁ ସଂଗାମ ଆଗକୁ ମଧ ଜାରି ରହିବ ବୋଲି ସେ କହିଥିଲେ। ଆସନ୍ତା ୧୧, ୧୨ ଓ ୧୩ ନଭେମ୍ବରରେ ରାଉରକେଲାଠାରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇଥିଲେ।

ହୀରା ଜିଟିଡି ଏମ୍ପ୍ଲୋଇଜ ୟୁନିୟନର ନିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ସମ୍ପାଦକ ରାଜେନ୍ଦ୍ର ସିଂ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ନେତା କିଶୋର ପୁରୋହିତ, ଆଶା କର୍ମୀ ସଂଘ ଜିଲା ସଭାପତି ତୀର୍ଥ ପ୍ରଧାନ, ସୁବାସ ଚନ୍ଦ୍ର ସାହୁ, ଓମି ଗୁପ୍ତା, ଦେବାଶିଷ ବାବୁ, ଶାଶ୍ୱତା ଦାଶ, ବଲ୍ଲଭୀ ସିଂ, ଜଗବନ୍ଧୁ ବେହେରା, ଭୋଜେନ୍ଦ୍ର ମାଝି ସଭାରେ ଉଦ୍‌ବୋଧନ ଦେଇଥିଲେ। ଏହା ପରେ ସଙ୍ଗଠନର ନୂତନ ଜିଲା ପରିଷଦ ୪୧ ଜଣଙ୍କୁ ନେଇ ଗଠିତ ହୋଇଥିଲା। ସଭାପତି ଭାବେ ବିଭୁଦତ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ତୀର୍ଥ ପ୍ରଧାନ, ଉପସଭାପତି ଆନନ୍ଦିନୀ ବିଶ୍ୱାଳ, ସୁବାସ ସାହୁ, କିଶୋର ପୁରୋହିତ, ଜିଲା ସମ୍ପାଦକ ଦେବାଶିଷ କୁମାର ବାବୁ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ବିଶ୍ୱାଳ, ଶାଶ୍ୱତା ଦାଶ, ରସ୍ୱତି ଶର୍ମା, ସହସମ୍ପାଦକ ଭାବେ ଧର୍ମରାଜ ପାତ୍ର, ବିଜୟା ସେଠ୍, ସାଏବୁ ନନ୍ଦ, କୋଷାଧ୍ୟକ୍ଷ ଭାବେ ପ୍ରବୀର କୁମାର କମ୍ପ, ଯୁଗ୍ମ କୋଷାଧ୍ୟକ୍ଷ ପ୍ରୀତମ ଠାକୁର ନିର୍ବାଚିତ ହୋଇଥିବା ସୂଚନା ଦିଆଯାଇଛି। ଶେଷରେ ତୀର୍ଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।